ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.22 . No.202, Bhubaneswar Wednesday, September 18, 2019 | ୨୨ତମ ବର୍ଷ ସଂଖ୍ୟା–୨୦୨ ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୮, ୨୦୧୯ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ୫ ବର୍ଷରେ ୫୦ଟି ବଡ ନିଷ୍ପତି ନେଇଛନ୍ତି ମୋଦି ସରକାର : ଅମିତ୍ ଶାହା

ନୂଆଦିଲ୍ଲୀ , ୧୭।୯(ପି.ଏନ): ୨୦୧୩ ମସିହାରେ ଭ୍ରଷ୍ଟାଚାର ଚରମ ସୀମାରେ ଥିଲା। ସୀମାରେ ସୁରକ୍ଷା ପାଇଁ କୌଣସି ଢୋସ୍ ବ୍ୟବସ୍ଥା ନଥିଲା , ଆଭ୍ୟନ୍ତରୀଣ ସୁରକ୍ଷା ବିପର୍ଯ୍ୟସ୍ତ ଥିଲା ଏବଂ ସବୁ ମନ୍ତ୍ରୀ ନିଜକୁ ହିଁ ପ୍ରଧାନମନ୍ତ୍ରୀ ଭାବୁଥିଲେ ବୋଲି କେନ୍ଦ୍ରୀୟ ଗୃହମନ୍ତ୍ରୀ ତଥା ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହା ବିରୋଧୀଙ୍କୁ କଡା ଜବାବ୍ ଦେଇ କହିଛନ୍ତି ।ସେ କହିଛନ୍ତି ଯେ ସେତେବେଳେ ସମସ୍ତ ମନରେ ପ୍ରଶ୍ନ ଉଠୁଥିଲା ଯେ ଦେଶ କେଉଁ ଦିଗରେ ଯିବ। କିନ୍ତୁ ୨୦୧୪ରେ ମୋଦି ସରକାର କ୍ଷମତାକୁ ଆସିବା ପରେ ଲୋକଙ୍କ ମନରେ ବିଶ୍ୱାସ ଜାତ ହେଲା। ପୂର୍ବ ସରକାର ମାନେ ୩୦ ବର୍ଷରେ ୫ ଟି ବଡ ନିଷ୍ପତି ନେଇଥିଲେ କିନ୍ତୁ ମୋଦି ସରକାର ୫ ବର୍ଷରେ ୫୦ଟି ବଡ ଓ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣୟ ନେଇଛନ୍ତି। ରାଜଧାନୀ ଦିଲ୍ଲୀରେ ଅନୁଷ୍ଠିତ ଅଲ୍ ଇଣ୍ଡିଆ ମ୍ୟାନେଜମେଂଟ ଆସୋସିଏସନ୍ (ଏଆଇଏମଏ)ର ୪୬ତମ ସମ୍ମିଳନୀରେ ଯୋଗ ଦେଇ ଅମିତ୍ ଶାହା କହିଥିଲେ ଯେ ଆଜି ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ । ମୋଦିଙ୍କ ଜନ୍ମଦିନ ପୂରା ଦେଶବାସୀଙ୍କ ବାଇଁ ଶୁଭ ଅଟେ କାରଣ ନରେନ୍ଦ୍ର ମୋଦି ହିଁ ଲୋକଙ୍କ ମନରେ ବିଶ୍ୱାସ ଜଗାଇପାରିଛନ୍ତି ଯେ ଆପଣଙ୍କ ସହଯୋଗରେ ହିଁ ଏକବିଂଶ ଶତାବ୍ଦୀ ଭାରତର ହୋଇପାରିବ। ସେ ଆହୁରି କହିଛନ୍ତି ଯେ ଜଣେ ବ୍ୟକ୍ତି ଏକାକୀ କିଛି ନକରିପାରନ୍ତି କିନ୍ତୁ ଯଦି୧୩୦ କୋଟି ଜନତା ଗୋଟିଏ ଗୋଟିଏ ପାଦ ଆଗକୁ ବଢାନ୍ତି ତେବେ ଦେଶ ୧୩୦ କୋଟି ପାଦ ଆଗକୁ ବଢିପାରିବ ।ପ୍ରଧାନମନ୍ତ୍ରୀ ମୋଦି ନ୍ୟୁ ଇଣ୍ଡିଆର ଯେଉଁ କଳ୍ପନା କରିଛନ୍ତି ସେଥିରେ ସବୁ ବର୍ଗର ଉନ୍ନତି ହୋଇପାରିବ। ସବକା ସାଥ୍ ସବକା ବିକାଶ ର ଆଧାରରେ ନ୍ୟୁ ଇଣ୍ଡିଆର ପରିକଳ୍ପନା ସିଦ୍ଧ ହୋଇପାରିବ। ଆମକୁ ଏହା ଭାବିବାକୁ ପଡିବ ଯେ ଆମେ କେଉଁଠି ପହଂଚିଲେ ଏବଂ କେଉଁ ପର୍ଯ୍ୟନ୍ତ ଯିବାର ଲକ୍ଷ୍ୟ ରହିଛି ବୋଲି କହିଛନ୍ତି। ଗୃହମନ୍ତ୍ରୀ ଶ୍ରୀ ଶାହାକେନ୍ଦ୍ର ସରକାରଙ୍କ ମହତ୍ୱପୂର୍ଣ୍ଣ ନିର୍ଣ୍ଣୟ ସମ୍ପର୍କରେ ସୂଚନା ଦେଇ କହିଲେ ଯେ ଗତ ଅଗଷ୍ଟ ୫ ତାରିଖରେ ପ୍ରଧାନମନ୍ତ୍ରୀ ମନ୍ତ୍ରୀ ମଣ୍ଡଳର ବୈଠକରେ ଜମ୍ମୁ କାଶ୍ମୀରରୁ ଅନୁଚ୍ଛେଦ ୩୭୦ ହଟାଯିବା ନେଇ ନିଷ୍ପତି ନେଇଥିଲେ । ଅଗଷ୍ଟ ୫ରୁ ନେଇ ଆଜି ପର୍ଯ୍ୟନ୍ତ କାଶ୍ମୀରରେ ଗୋଟିଏ ବି ଗୁଳି ଚଳାଇବାକୁ ପଡିନାହିଁ କି ଜଣେ ବି ବ୍ୟକ୍ତିଙ୍କର ମୃତ୍ୟୁ ଘଟିନାହିଁ। କାଶ୍ମୀରରେ ଶାନ୍ତିର ମାହୋଲ ରହିଛି ଏବଂ ଯେ କେହି ସେଠାକୁ ସହଜରେ ଯାଇପାରିବେ। ଗୋଟିଏ ଦେଶ ଗୋଟିଏ ଟ୍ୟାକ୍ସ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଶାହା କହିଥିଲେ ଯେ ଜିଏସଟି ଲାଗୁ କରିବାକୁ ଯେତେବେଳେ ନିଷ୍ପତି ନିଆଗଲା ବହୁ ଲୋକ ଏହା ଉପରେ ଆଲୋଚନା କରୁଥିଲେ । ଆଜି ସେହି ବ୍ୟକ୍ତିମାନେ ଏହାର ପ୍ରଶଂସା କରୁଛନ୍ତି। ପାଂଚ ବର୍ଷରେ ବହୁଥର ଏକ ଲକ୍ଷ କୋଟି ରୁ ବି ଅଧିକ ରାଜସ୍ୱ ଆଦାୟ ହୋଇସାରିଛି। ୬୦ ଲକ୍ଷରୁ ୯୫ ଲକ୍ଷ ପର୍ଯ୍ୟନ୍ତ କରଦାତାଙ୍କ ରେଜିଷ୍ଟ୍ରେସନ୍ କରାଯାଇ ଗୋଟିଏ ଦେଶ ଗୋଟିଏ ଟ୍ୟାକ୍ସ ବ୍ୟବସ୍ଥାକୁ ସଫଳ କରାଯାଇପାରିଛି ।ସେ ଆହୁରି କହିଥିଲେ ଯେ ଯେତେବେଳେ ସର୍ଜିକାଲ ଷ୍ଟ୍ରାଇକ୍ ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଗଲା ସେତେବେଳେ ଏହାର ପ୍ରତ୍ୟେକ ବିନ୍ଦୁ ଉପରେ ଗଭୀର ବିଚାର କରାଗଲା। ଆସେ ସେତେବେଳେ ବି ଦୃଢତାର ସହିତ କହୁଥିଲୁ ଯେ ଦେଶର ସୁରକ୍ଷା ସହିତ ଗୋଟିଏ ଇଂଚ୍ ବି ସାଲିସ୍ କରାଯିବ ନାହିଁ। ଏହି ଦୃଢ ନିଶ୍ଚୟ ସହିତ ସର୍ଜିକାଲ ଷ୍ଟ୍ରାଇକ୍ କରାଯାଇଥିଲା। ସେହିପରି ଯେତେବେଳେ ଏୟାର ଷ୍ଟ୍ରାଇକ୍ ହୋଇଥିଲା ଦୁନିଆ ମାନିଲା ଯେ ଏହା ଭାରତର ରକ୍ଷା ନୀତି। ପ୍ୟାରିସ୍ ରେ ଗ୍ଲୋବାଲ ୱାର୍ମିଂ ଓ ଜଳବାୟୁ ପରିବର୍ତନ ସମ୍ମିଳନୀରେ ଯେତେବେଳେ ସମସ୍ତେ ବିଫଳ ହୋଇଯାଇଥିଲେ ମଂଚରୁ କୁହାଯାଉଥିଲା ଯେ ଏହାର ରାସ୍ତା କେବଳ ଭାରତ ଦେଖାଇପାରିବ। ଏହା ଦେଶ ପାଇଁ ଗୌରବର ବିଷୟ। ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଦୁନିଆର ୮ ଟି ଦେଶ ନିଜର ସର୍ବୋଚ୍ଚ ନାଗରିକ ସମ୍ମାନ ପ୍ରଦାନ କରିଛନ୍ତି। ଏହି ସମ୍ମାନ ମୋଦି କିମ୍ବା ବିଜେପିର ନୁହେଁ ଏ ସମ୍ମାନର ଦେଶର ୧୩୦ କୋଟି ଜନତାଙ୍କର। ଶ୍ରୀ ଶାହା କହିଥିଲେ ଯେ ଭାରତ ୫ ଟ୍ରିଲିୟନ୍ ଡଲାରର ଅର୍ଥ ବ୍ୟବସ୍ଥା ସହିତ ବିଶ୍ୱର ତୃତୀୟ ବୃହତ୍ ଅର୍ଥ ବ୍ୟବସ୍ଥା ହେବାକୁ ଯାଉଛି। ମୋଦି ସରକାର ଉଦ୍ୟୋଗିକ ବିକାଶ ଉପରେ ଗୁରୁତ୍ୱ ଦେବାକୁ ଚାହୁଛନ୍ତି। ଆଜି ଷ୍ଟାର୍ଟଅପ୍ ପାଇଁ ସରକାର ଯାହା କରିଛନ୍ତି ତାହା ପୂର୍ବର କୌଣସି ସରକାର କରିନଥିଲେ । ୧୫ ବର୍ଷ ପରେ ଭାରତ ପାଖରେ ମଧ୍ୟ ଗୁଗୁଲ୍ ଓ ଫେସ୍ ବୁକ୍ ଭଳି ଷ୍ଟାଟ୍ ଅପ୍ ଥିବ ବୋଲି ଶ୍ରୀ ଶାହା ଆଶା ପ୍ରକଟ କରିଛନ୍ତି।

## ଆଠମାସ ବନ୍ଦ ରହିବ ଭୁବନେଶ୍ୱର ବିମାନ ବନ୍ଦର

ଭୁବନେଶ୍ୱର, ୧୭।୯(ପି.ଏନ): ରାଜଧାନୀରେ ଥିବା ବିଜୁ ପଟ୍ଟନାୟକ ବିମାନଘାଟୀରୁ ଚଳପ୍ରଚଳ କରୁଥିବା ବିମାନ ଉଡ଼ାଣକୁ ସାମୟିକ ଭାବେ ବନ୍ଦ କରାଯିବ ବୋଲି ଏହାର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ହୋତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ରନୱେର ରିକାର୍ପେଟିଂ ପାଇଁ ଏହା ଆଠମାସ ବନ୍ଦ ରହିବ। ବନ୍ଦ ସମୟରେ ଏହି କାର୍ଯ୍ୟ କରାଯିବ। ସକାଳ ୧୦.୩୦ରୁ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ଏହା ବନ୍ଦ ରହିବ। ଏବେ ଏହି ବିମାନଘାଟୀରୁ ଦୈନିକ ପ୍ରାୟ ୩୯ଟି ବିମାନ ଦେଶ ଏବଂ ବିଦେଶକୁ ଉଡ଼ାଣ ହେଉଛି। ଚଳିତ ବର୍ଷ ନଭେମ୍ବର ୧ରୁ ମାର୍ଚ୍ଚ ୨୦୨୦ ପର୍ଯ୍ୟନ୍ତ ରାତି ୧୦ରୁ ଭୋର ୫ଟା, ଏପ୍ରିଲ ୧ରୁ ଜୁନ୍ ପର୍ଯ୍ୟନ୍ତ ୧୦ଟାରୁ ୬ଟା ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ବନ୍ଦ ରହିବ। ୧୪୩୨ ମିଟର ରନୱେ ମରାମତି ହେବ। ପ୍ରତି ୧୦ବର୍ଷରେ ଏହା ମରାମତି ହୋଇଥାଏ। ଶେଷ ଥର ପାଇଁ ୨୦୦୭ରେ ମରାମତି ହୋଇଥିଲା। ଏତେ ସଂଖ୍ୟାରେ ବିମାନ ଉଡ଼ାଣ ହେଉଥିବାରୁ ସମ୍ପୃକ୍ତ ରନୱେ ବିମାନର ଚକାରେ ରବରିଂ ହୋଇଯାଉଛି। ଯାହାଫଳରେ ବ୍ରେକ୍ ମାରିବାରେ ବେଳେବେଳେ ଅସୁବିଧା ସୃଷ୍ଟି ହେଉଛି ବୋଲି ନିର୍ଦ୍ଦେଶକ ଶ୍ରୀ ହୋତା କହିଛନ୍ତି।

## ରୋଜନେଫ୍ଟର ସିଇଓ ତଥା ଋଷର ପୂର୍ବ ଉପ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୭।୯(ପି.ଏନ): ନୂଆଦିଲ୍ଲୀ ଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରୋଜନେଫ୍ଟର ସିଇଓ ତଥା ଋଷିଆନ ଫେଡେରେସନର ପୂର୍ବତନ ଉପ ପ୍ରଧାନମନ୍ତ୍ରୀ ଆଇଗୋର ସେଚିନଙ୍କୁ ଭେଟିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭ୍ଲାଡିଭୋଷ୍ଟୋକ ପରେ ଇଷ୍ଟର୍ଣ୍ଣ ଇକୋନୋମିକ୍ ଫରୋମର ବୈଠକରେ ମୁଖ୍ୟ ଅତିଥି ଭାବରେ ଯୋଗଦେବା ପରେ ଦୁଇ ଦେଶ ମଧ୍ୟରେ ଏହା ଗୁରୁତ୍ୱପୂର୍ଣ୍ଣ ବୈଠକ । ମୋଦିଙ୍କ ଗସ୍ତ ସମୟରେ ହୋଇଥିବା ଆଲୋଚନାକୁ ଏହି ଦୁଇ ଦେଶର ନେତାଙ୍କ ଆଲୋଚନା ମଧ୍ୟମରେ ଆଗକୁ ନିଆଯିବ । ଆଲୋଚନା କାଳରେ ଶ୍ରୀ ପ୍ରଧାନ ଭାରତର ତୈଳ ଓ ଗ୍ୟାସ କମ୍ପାନୀ ଏବଂ ରୋଜନେଫ୍ଟ ସହ ଥିବା କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିଥିଲେ । ନିକଟରେ ସାଉଦିଆରବର ତୈଳ କମ୍ପାନୀ ଆରାମକୋ ଉପରେ ହୋଇଥିବା ଡ୍ରୋନ୍ ଆକ୍ରମଣ ଫଳରେ ବିଶ୍ୱରେ ଅଶୋଧିତ ତୈଳ ଯୋଗାଣର ପ୍ରଭାବ ସମ୍ପର୍କରେ ମଧ୍ୟ ଉଭୟ ଆଲୋଚନା କରିଥିଲେ । ଉଲ୍ଲେଖନୀୟ ଯେ, ରୋଜନେଫ୍ଟ ଏବଂ ଭାରତୀୟ ତୈଳ ଓ ଗ୍ୟାସ କମ୍ପାନୀ ମଧ୍ୟରେ ପୁନର୍ବାର ଆଲୋଚନା କରିବା ପାଇଁ ଶ୍ରୀ ସେଚିନ୍ ଭାରତ ଗସ୍ତରେ ଆସିଥିଲେ।

## କାଳିଆ ଯୋଜନାରେ ଅର୍ଥ ପାଇଥିବା ସରକାରୀ ଚାକିରିଆଙ୍କ ଠାରୁ ଆଦାୟ ହେବ ଟଙ୍କା

ଭୁବନେଶ୍ୱର, ୧୭।୯(ପି.ଏନ): ରାଜ୍ୟରେ ପ୍ରାୟ ୨୦ ହଜାର ସରକାରୀ ଚାକିରିଆ ବା ପେନସନଭୋଗୀ ମାନେ କାଳିଆ ଯୋଜନାରେ ସହାୟତା ପାଇଛନ୍ତି। ସେମାନଙ୍କ ଠାରୁ ଏହି ରାଶି ଫେରସ୍ତ କରିବାକୁ କୁହା ଯିବ ବା ସେମାନଙ୍କ ବେତନ ବା ପେନସନରୁ ଏହି ରାଶି ଭରଣା କରା ଯିବାର ବ୍ୟବସ୍ଥା କରା ଯିବ ବୋଲି କୃଷି ମନ୍ତ୍ରୀ ଅରୁଣ ସାହୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ ଯାଂଚ ପ୍ରକ୍ରିୟା ପରେ ଜଣା ପଡିଛି ୨୦ ହଜାର ସରକାରୀ ଚାକିରିଆ ମାନଙ୍କ ଛଡା ପ୍ରାୟ ୧୨ ହଜାର ବଡ ଚାଷୀ ଏହି କାଳିଆ ଯୋଜନାରେ ଆର୍ଥିକ ସହାୟତା ପାଇଛନ୍ତି । ସେହି ଚାଷୀ ମାନଙ୍କୁ କାଳିଆ ଯୋଜନାରେ ପାଇଥିବା ସହାୟତା ଅର୍ଥ ଫେରସ୍ତ କରା ଯିବାକୁ ପ୍ରବର୍ତାଯିବ, କାରଣ ସେମାନେ ପିଏମ କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ପାରିବେ। ପ୍ରାୟ ୯ ହଜାର ନାବାଳକ/ନାବାଳିକା ଏହି ଯୋଜନାରେ ସହାୟତା ପାଇଛନ୍ତି । ଯେହେତୁ ସେମାନଙ୍କ ପରିବାରର ମୁଖ୍ୟ ମାନେ ସହାୟତା ପାଇଛନ୍ତି, ସେହି ପରିବାର ମାନଙ୍କୁ ପରବର୍ତ୍ତି କିସ୍ତି ସହାୟତା ରାଶିରେ ବ୍ୟବସ୍ଥିତ କରା ଯିବ। ସେ କହିଛନ୍ତି ଯେ ପ୍ରାୟ ୩ ଲକ୍ଷ ହିତାଧିକାରୀ ଗୋଟିଏ ଗୋଟିଏ ମନୋନୀତ ପରିବାରର ଏକାଧିକ ବ୍ୟକ୍ତି ଦର୍ଶାଇ ହିତାଧିକାରୀ ଭାବେ କାଳିଆ ସହାୟତା ପାଇଛନ୍ତି । ସେମାନଙ୍କ କ୍ଷେତ୍ରରେ ପରିବାରର ଜଣକୁ ସହାୟତା ପାଇଁ ଯୋଗ୍ୟ ବିବେଚନା କରି ଅନ୍ୟ ମାନେ ପାଇଥିବା ରାଶି ପରବର୍ତି କିସ୍ତିରେ ବ୍ୟବସ୍ଥିତ କରା ଯିବ। ସେ କହିଛନ୍ତି ଯେ ଯଦି କୌଣସି ହିତାଧିକାରୀ ମାନେ ଅନୁଭବ କରନ୍ତି ଯେ ସେମାନେ ଭୁଲ କ୍ରମେ ଯୋଗ୍ୟ ବିବେଚିତ ତାଲିକାରୁ ବାଦ ପଡି ଯାଇଛନ୍ତି ତେବେ ସେମାନେ ସମସ୍ତ ଦସ୍ତାବିଜ ସହ କାଳିଆ ୱେବ ସାଇଟ ମାଧ୍ୟମରେ ଆବେଦନ କରି ପାରିବେ । ସେହି ଦରଖାସ୍ତ ଗୁଡିକ ଜାଂଚ କରା ଯାଇ ସେମାନଙ୍କୁ ଯୋଗ୍ୟ ତାଲିକାରେ ସାମିଲ କରିବାକୁ ପଦକ୍ଷେପ ନିଆ ଯିବ । ସେ କହିଛନ୍ତି ଯେ କାଳିଆ ସହାୟତା ପାଇଥିବା ଅଯୋଗ୍ୟ ହିତାଧିକାରୀ ମାନଙ୍କ ଆଉଥରେ ଜାଂଚ କରା ଯିବ ଏବଂ ଆବଶ୍ୟକ ସ୍ଥଳେ ସେମାନଙ୍କୁ କାଳିଆ ସହାୟତା ଫେରସ୍ତ କରିବାକୁ ପ୍ରବର୍ତା ଯିବ ବା ବାଧ୍ୟ କରା ଯିବ ସେ କହିଛନ୍ତି ଯେ ବାକି ଥିବା ୪୦ ଲକ୍ଷ ୨୧ ହଜାର ୧୧୩ ଦରଖାସ୍ତ ଜାଂଚ ହୋଇ ସାରିଛି ଏବଂ ତନ୍ମଧ୍ୟରୁ କେତେ ବାଦ ପଡିବେ ତାହାର ପ୍ରକ୍ରିୟା ମଧ୍ୟ କ୍ଷେତ୍ରୀୟ ସ୍ତରରେ ଶେଷ ହୋଇ ସାରିଛି ।

## ଡୁଙ୍ଗୁରିପାଲି ବ୍ଲକରେ ଜଣ୍ଡିସ୍ ଆତଙ୍କ : ୮ ଆକ୍ରାନ୍ତ

ସୁବର୍ଣ୍ଣପୁର, ୧୭।୯(ପି.ଏନ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଏସ୍. ରାମପୁର ଗ୍ରାମରେ ଦେଖାଦେଇଛି ଜଣ୍ଡିସ୍ ଆତଙ୍କ । ଗ୍ରାମର ୮ ଜଣ ଜଣ୍ଡିସ୍ ରେ ଆକ୍ରାନ୍ତ ହୋଇଥିବା ଅଭିଯୋଗ ହୋଇଛି । ଆକ୍ରାନ୍ତଙ୍କ ମଧ୍ୟରେ ୭ ଜଣ ଶିଶୁ ଅଛନ୍ତି । ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ଅନ୍ୟ ୩ ଜଣ ଏସ୍. ରାମପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି । ଅନ୍ୟମାନେ ଘରେ ଚିକିତ୍ସିତ ହେଉଛନ୍ତି । ଏସ୍. ରାମପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରୀ ଟିମ୍ ଆକ୍ରାନ୍ତମାନଙ୍କ ଘରକୁ ଯାଇ ଚିକିତ୍ସା କରୁଛନ୍ତି । ସେମାନଙ୍କୁ ଜଣ୍ଡିସ୍ ବାବଦରେ ସଚେତନ କରୁଛନ୍ତି । ଦୂଷିତ ପାଣି ପିଇ ଏମାନେ ଜଣ୍ଡିସ୍ ରେ ଆକ୍ରନ୍ତ ହୋଇଥିବା ଅନୁମାନ କରାଯାଉଛି । ଅନ୍ୟପକ୍ଷରେ ଦୀର୍ଘ ବର୍ଷ ହେବ ଗ୍ରାମରେ ଥିବା ପାଣି ଟାଙ୍କି ସଫା କରାଯାଉନଥିବାରୁ ଲୋକେ ଏହି ଟାଙ୍କିର ପାଣି ପିଇ ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

## ଅଖାରେ ବନ୍ଧା ଅବସ୍ଥାରେ ନର୍ସଙ୍କ ମୃତଦେହ ଉଦ୍ଧାର

ଜଗତସିଂହପୁର, ୧୭।୯(ପି.ଏନ): ଜଗତସିଂହପୁର ଜିଲ୍ଲା ବିରିଡ଼ି ଥାନା ଅନ୍ତର୍ଗତ ବିଲୁଆଖାଇ ନଦୀ ପଠାର ଦୋଗଛିଆ ନୂଆପାରି ନିକଟରୁ ଏକ ଅଖାରେ ବନ୍ଧା ହୋଇଥିବା ଅବସ୍ଥାରେ ଜଣେ ଯୁବତୀଙ୍କ ମୃତଦେହକୁ ଆଜି ପୋଲିସ ଉଦ୍ଧାର କରିଛି । ଶବ ଚିହ୍ନଟ ପ୍ରକ୍ରିୟାରୁ ଜଣାପଡିଛି ଯେ, ତାଙ୍କ ନାମ ନିହାରିକା ପାତ୍ର । ନିହାରିକାଙ୍କ ଘର ଭୁବନେଶ୍ୱର ବାଲିପାଟଣା ଥାନା ଅନ୍ତର୍ଗତ ଭିଙ୍ଗାରପୁର ଗ୍ରାମରେ । ସେ ପେଷାରେ ଜଣେ ନର୍ସ । ନିହାରିକା କଟକର ଏକ ନର୍ସିଂହୋମ୍ ରେ ନର୍ସ ଭାବେ କାର୍ଯ୍ୟରତ ଥିଲେ । ସେ ଗତ କିଛି ଦିନ ହେଲା ନିଖୋଜ ଥିଲେ । ପରିବାର ଲୋକେ ଚାରିଆଡେ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର କୌଣସି ଖୋଜ ଖବର ପାଇନଥିଲେ । ଶେଷରେ ଚାରିଆଡୁ ନିରାଶ ହୋଇ ଗତ ୯ ତାରିଖ ଦିନ ଝିଅ ନିଖୋଜ ନେଇ କଟକ ମଧୁପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତି କରି ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଜାରୀ ରଖିଥିଲା । ତେବେ ଆଜି ବିଲୁଆଖାଇ ନଦୀ ପଠାର ଦୋଗଛିଆ ନୂଆପାରି ନିକଟରୁ ଏକ ଅଖାରେ ବନ୍ଧା ହୋଇଥିବା ଅବସ୍ଥାରେ ତାଙ୍କ ମୃତଦେହକୁ ବିରିଡ଼ି ପୋଲିସ ଉଦ୍ଧାର କରିଥିଲା । ଏନେଇ ମଧୁପାଟଣା ଥାନାକୁ ଖବର ଦିଆଯାଇଥିଲା । ପୋଲିସ ନିହାରିକାଙ୍କ ପରିବାର ଲୋକଙ୍କ ସହିତ ଯୋଗାଯୋଗ କରିଥିଲା । ନିହାରିକାଙ୍କ ମାଆ, ଭଉଣୀ ଓ ଭିଣୋଇ ବିରିଡ଼ି ଥାନାରେ ପହଂଚି ଡ୍ରେସ୍ ରୁ ତାହା ନିହାରିକାଙ୍କ ମୃତଦେହ ବୋଲି ଚିହ୍ନି ଥିଲେ ।

## ବଜାରରେ ପିଆଜ ୫୦ ଟଙ୍କା କେଜ

ନୂଆପଡ଼ା, ୧୭।୯(ପି.ଏନ): ନୂଆପଡା ଜିଲାରେ ଗତ କିଛି ଦିନ ମଧ୍ୟରେ ପିଆଜ ଦର ହଟାତ ବୃଦ୍ଧି ପାଇ ୫୦ ଟଙ୍କା ଦରରେ ବିକ୍ରୟ ହେଉଥିବା ଅଭିଯୋଗ ହେଉଛି । ବଜାରରେ ଗତ ୧ ମାସ ତଲେ ୧୫ ରୁ ୨୦ ଟଙ୍କା ଦରରେ ପିଆଜ ବିକ୍ରୟ ହେଉଥିଲା । ହେଲେ ହଟାତ ୩୦ ପରେ ୪୦ ଟଙ୍କା ହୋଇ ଗତ ୭/୮ ଦିନ ହେବ ପିଆଜକୁ ୫୦ ଟଙ୍କା ଦରରେ ବିକ୍ରୟ କରାଯାଉଥିବା ଦେଖିବାକୁ ମିଳିଛି । ହଟାତ ପିଆଜ ଦର ବୃଦ୍ଧି ଖାଉଟିଙ୍କୁ ବାଧୁଥିବା ବେଳେ ଖାଉଟି ଦରକୁ ଦେଖି ଆବଶ୍ୟକ ପରିମାଣରେ ପିଆଜ କିଣିକି ନେଉଥିବା ଦେଖିବାକୁ ମିଳିଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପିଆଜ ଦର କମାଇବାକୁ ସାଧାରଣରେ ଦାବୀ ହେଉଛି ।

## ଅଳ୍ପକେ ବର୍ତିଲା ଏୟାର ଇଣ୍ଡିଆ ବିମାନ

ଭୁବନେଶ୍ୱର, ୧୭।୯(ପି.ଏନ): ଭୁବନେଶ୍ୱରରୁ ମୁମ୍ବାଇ ଯାଉଥିବା ଏୟାର ଇଣ୍ଡିଆ ଏଆଇ୬୬୯ ର ୧୫୨ ଜଣ ଯାତ୍ରୀ ଆଜି ଅଳ୍ପକେ ବର୍ତି ଯାଇଛନ୍ତି। ବିମାନର ପାଇଲଟ୍ ଭୁଲ୍ ରନୱେରେ ବିମାନକୁ ଅବତରଣ କରାଇଥିଲେ। ଏହି ମାମଲାରେ ସମ୍ପୃକ୍ତ ପାଇଲଟଙ୍କୁ ଅବ୍ୟାହତି ଦିଆଯାଇଛି। ଏୟାର ଇଣ୍ଡିଆର ଏହି ବିମାନର ଭୁଲ୍ ଇଞ୍ଜିନିୟରିଂ ଡକ୍ୟୁମେଂଟର ଯୋଗୁଁ ଉଡ଼ାଣ ଭରିବାରେ ଅଢ଼େଇ ଘଂଟା ବିଳମ୍ବ ହୋଇଥିଲା। ପରବର୍ତି ସମୟରେ ଉଡ଼ାଣ ପାଇଁ ଅନୁମତି ମିଳିଲାପରେ ବିମାନ ମୁମ୍ବାଇ ଅଭିମୁଖେ ଯାତ୍ରା କରିଥିଲା। ମୁମ୍ବାଇ ପହଂଚିବାବେଳେ ଏହା ଭୁଲ ରନୱେରେ ଅବତରଣ କରିଥିଲା।

## ଭଦ୍ରକ ପୁରୁଣା ବଜାରରେ ପୁଲିସ-ଜନତା ମୁହାଁମୁହିଁ

ଭଦ୍ରକ, ୧୭।୯(ପି.ଏନ): ପୁରୁଣାବଜାର ତିନିଛକି ନିକଟରେ ରାସ୍ତାରେ ଏକ ସ୍କୁଟି ପାର୍କିଂ କରିବା ଘଟଣାରେ ଗତକାଲି ରାତିରେ ପୁଲିସ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ବଚସା ଉଗ୍ରରୂପ ନେଇଥିଲା। ପରିସ୍ଥିତି ଏପରି ଅଣାୟତ ହୋଇଥିଲା ଯେ ଉତ୍ୟକ୍ତ ଲୋକଙ୍କୁ ଘଉଡାଇବାକୁ ଯାଇ ଘଟଣାସ୍ଥଳରେ ପୁଲିସ୍ ଲାଠି ଚାର୍ଜ କରିଥିଲା। ଏଥିରେ ପୁରୁଣାବଜାର ଅଲାଲପୁର ନିବାସୀ ସେକ୍ ରାଜୁ ନାମକ ଜଣେ ବ୍ୟକ୍ତି ଆହତ ହୋଇ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଥିଲେ। ଏହି ଘଟଣାର ଖବର ପାଇ ପୁରୁଣାବଜାର ଠାରେ ଅନୁଷ୍ଠିତ ବୁଢାଗଣେଶ ପୂଜା କମିଟି ପକ୍ଷରୁ ଆୟୋଜିତ ବନ୍ଧୁମିଳନ ଉତ୍ସବରେ ଯୋଗଦେବାକୁ ଆସିଥିବା ପୂର୍ବାଂଚଳ ଆଇଜି ଦୀପ୍ତେଶ ପଟ୍ଟନାୟକ ଓ ଜିଲା ଆରକ୍ଷୀ ଅଧିକ୍ଷକ ରାଜେଶ ପଣ୍ଡିତ ଘଟଣାସ୍ଥଳରେ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଏବଂ ପୁରୁଣାବଜାର ଥାନାଧିକାରିଣୀ ପ୍ରଜ୍ଞା ମହାନ୍ତିଙ୍କୁ ପୁଲିସ୍ ହେଡ୍‌କ୍ୱାର୍ଟରକୁ ବଦଳି କରି ତାଙ୍କ ସ୍ଥାନରେ ରତିକାନ୍ତ ଗିରିଙ୍କୁ ଦାୟିତ୍ୱ ଦେଇଥିଲେ। ପରିସ୍ଥିତି ଉତ୍ତେଜନା ଥିବାରୁ ସେଠାରେ ୨ ପ୍ଲାଟୁନ୍ ପୁଲିସ୍ ମୁତୟନ କରାଯାଇଥିଲା। ପ୍ରାପ୍ତ ଖବରରୁ ଯାହା ଜଣାଯାଏ ପୁରୁଣାବଜାର ତିନିଛକିରେ ଟ୍ରାଫିକ୍ ବ୍ୟବସ୍ଥାରେ ସୁଧାର ଆଣିବାକୁ ଥାନାଧିକାରିଣୀ ପ୍ରଜ୍ଞା ମହାନ୍ତି ରାତି ପ୍ରାୟ ୮ଟା ସମୟରେ ପାଟ୍ରୋଲିଂ କରିବାକୁ ଯାଇ ହନି' କ୍ଲବ୍ ସମ୍ମୁଖରେ ଥିବା ଭାଟମହଲା ସାହିର ସେକ୍ ବିଲାଲଙ୍କ 'ତାଜ୍ କ୍ଲଥ୍ ଷ୍ଟୋର' ସମ୍ମୁଖରେ ପହଂଚି ଦୋକାନ ବାହାରେ ଟଙ୍ଗା ହୋଇଥିବା କିଛି ଲୁଗାକୁ ଟାଣି ରାସ୍ତାକୁ ଫୋପାଡି ଦେଇଥିଲେ। ଏହି ଘଟଣାକୁ ନେଇ ଉତେଜନା ପ୍ରକାଶ ପାଇଥିଲା। ପୁଲିସ୍‌ର ମାତ୍ରାଧିକ କାର୍ଯ୍ୟକୁ ବିରୋଧ କରି ସ୍ଥାନୀୟ ଅଂଚଳର ବହୁଲୋକ ଏଭଳି ଲଙ୍କାକାଣ୍ଡ କରିବସିଥିଲେ ଯେ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। 'ଳରେ ବ୍ୟାହୋଇ ପୁଲିସ୍‌କୁ ଲାଠିଚାର୍ଜ କରିବାକୁ ପଡିଥିଲା। ଏହି ଘଟଣାରେ ଲୋକେ ଥାନାଧିକାରିଣୀଙ୍କ ବଦଳି ଓ ଲାଠିଚାର୍ଜ କରିଥିବା ପୁଲିସ୍‌ଙ୍କ ନିଲମ୍ବନ ଦାବି କରିଥିଲେ। ଦାବି ପୂରଣ ପରେ ଉତେଜନା ପ୍ରଶମିତ ହୋଇଥିଲା। ତେବେ ପୁଲିସ୍‌ର ଟ୍ରାଫିକ୍ କଂଟ୍ରୋଲ ସମୟରେ ବାଧା ଆଣୁଥିବା ଦୋକାନ ଗୁଡିକର ଅବରୋଧକୁ ହଟାଇବାକୁ ଯାଇ ପୁଲିସ୍‌କୁ ଯେଉଁଭଳି ଉତ୍ୟକ୍ତ ଲୋକଙ୍କ ଆକ୍ରମଣର ଶୀକାର ହେବାକୁ ପଡିଲା, ସେଥିନେଇ ଯେଉଁ ଅଭିଯୁକ୍ତମାନେ ସେମାନଙ୍କୁ ଆକ୍ରମଣ କରିବା ସହ ପୁଲିସ୍ ଗାଡି ଉପରକୁ ଟେକା ପଥର ଫିଙ୍ଗିଥିଲେ ସେମାନଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହୋଇଛି। କାହିଁକି ନା ଥାନାଧିକାରିଣୀ ପ୍ରଜ୍ଞା ମହାନ୍ତି ଖୁବ୍ କମ୍ ଦିନରେ ଉକ୍ତ ଅଂଚଳରେ ଶାନ୍ତି ପ୍ରତିଷ୍ଠା ଦିଗରେ ଉଭୟ ହିନ୍ଦୁ-ମୁସ୍‌ଲିମ୍ ମ୍ନରେ ଭାଇଚାରା ସୃଷ୍ଟି କରିବାରେ ଉଦାହରଣ ପାଲଟିଥିଲେ। ଏପରିକି ସେ ସ୍ୱଚ୍ଛ ଭାରତ ଅଭିଯାନରେ ନିଜେ ଝାଡୁ କରିବା ସହ ରକ୍ତଦାନ ଓ ବହୁ ଜନହିତକର କାର୍ଯ୍ୟ କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ବିଶେଷକରି ଉକ୍ତ ଅଂଚଳରେ ଦୀର୍ଘଦିନରୁ ଚାଲିଆସୁଥିବା ନକଲି ଜର୍ଦ୍ଦା ବେପାର ଓ ବହୁ ଅସାଧୁ କାର୍ଯ୍ୟକୁ ସେ ଲୋକଲୋଚନକୁ ଆଣି ଅପରାଧୀଙ୍କ ପର୍ଦ୍ଦାଫାସ୍ କରିଥିଲେ। ଏଣୁ ତାଙ୍କୁ ଏଠାରୁ ବଦଳି କରିବା ପଛରେ ଏହା ଏକ ସୁପରିକଳ୍ପିତ ଚକ୍ରାନ୍ତ ବୋଲି କେତେକ ବ୍ୟକ୍ତିବିଶେଷ ଗଣମ୍ମାଧ୍ୟମକୁ କହିଛନ୍ତି।

## କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦୁଇ ଘଂଟା ମଧ୍ୟରେ ଦୁଇ ରୋଗୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା : ଡାକ୍ତରଙ୍କ ଅବହେଳାକୁ ଦାୟୀ କଲେ ପରିବାର ଲୋକେ

କେନ୍ଦୁଝର, ୧୭।୯(ପି.ଏନ): କେନ୍ଦୁଝର ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ମୁଖ୍ୟ ଚିକିତ୍ସାଳୟରେ ମାତ୍ର ଦୁଇ ଘଂଟା ମଧ୍ୟରେ ଦୁଇ ଜଣ ରୋଗୀଙ୍କର ମୃତ୍ୟୁକୁ ନେଇ ତୀବ୍ର ଉତେଜନା ପ୍ରକାଶ ପାଇଥିବା ବେଳେ ଏଥି ନିମନ୍ତେ ସିଧାସଳଖ ଡାକ୍ତରଙ୍କର ଅବହେଳାକୁ ହିଁ ଦାୟୀ କରାଯାଇଛି । ଜିଲ୍ଲାର ଏହି ମୁଖ୍ୟ ଚିକିତ୍ସାଳୟ ଉପରେ କେବଳ କେନ୍ଦୁଝର ଜିଲ୍ଲାର ନୁହେଁ ଝାଡଖଣ୍ଡ ରାଜ୍ୟ ଠାରୁ ଆରମ୍ଭ କରି ପଡୋଶୀ ଜିଲ୍ଲାର ରୋଗୀମାନେ ନିର୍ଭର କରିଥାଆନ୍ତି । କିନ୍ତୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମଙ୍ଗଳବାର ଦିନ ସକାଳୁ ସକାଳୁ ମାତ୍ର ଦୁଇ ଘଂଟା ବ୍ୟବଧାନ ମଧ୍ୟରେ ଚିକିତ୍ସାଧୀନ ଅବସ୍ଥାରେ ଦୁଇ ଜଣ ରୋଗୀଙ୍କର ମୃତ୍ୟୁକୁ ନେଇ ତୀବ୍ର ଉତେଜନା ପ୍ରକାଶ ପାଇଥିଲା । ରୋଗୀ ଙ୍କର ସମ୍ପର୍କୀୟଙ୍କ କହିବା ଅନୁସାରେ, କେନ୍ଦୁଝର ଜିଲ୍ଲାର ପଡୋଶୀ ଜିଲ୍ଲା ମୟୂରଭଞ୍ଜର ନୂଆଗାଁ ଗ୍ରାମର ୧୬ ବର୍ଷିୟା ଯାତ୍ରୀ ପାତ୍ରଙ୍କୁ ସୋମବାର ହଠାତ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ପ୍ରଥମେ ତାଙ୍କୁ କରଞ୍ଜିଆ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ସେଠାରୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର ହୋଇ ଆସିଥିଲେ ।ସୋମବାର ରାତି ପ୍ରାୟ ୭ ଟା ସମୟରେ ରୋଗୀ ଯାତ୍ରୀ ପାତ୍ରଙ୍କୁ ପରିବାର ଲୋକେ ଆଣି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ । ହେଲେ ଡାକ୍ତର ସଂପୃକ୍ତ ରୋଗୀକୁ କୁଆଡେ କିଛି ଔଷଧ ଓ ଗୋଟେ ସାଲାଇନ୍ ଲଗାଇ ଦେବା ପରେ ଅନ୍ୟ କିଛି ଚିକିତ୍ସା ନ କରି ଛାଡି ଚାଲି ଯାଇଥିଲେ । ରାତ୍ରୀ ସମୟରେ ରୋଗୀଙ୍କୁ ଆଉ କୌଣସି ଚିକିତ୍ସା ଯୋଗାଇ ଦିଆଗଲା ନାହିଁ। ଫଳରେ ସେହି ରାତ୍ରୀରେ ରୋଗୀଙ୍କ ଅବସ୍ଥା ଅଧିକରୁ ଅଧିକ ଗୁରୁତର ହୋଇପଡିଲା । ଡାକ୍ତର ନଥିବାରୁ ପରିବାର ଲୋକେ ବିକଳରେ ନର୍ସ ଦିଦିଙ୍କୁ ଡାକଥିଲେ। ହେଲେ ନର୍ସ ଦିଦି ଶୁଣିଲେ ନାହିଁ କି ଆସିଲେ ମଧ ନାହିଁ । ଆଜି ସକାଳ ପର୍ଯ୍ୟନ୍ତ ଯାତ୍ରୀ ପାତ୍ରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିଲା ଓ ସେ ଠିକ୍ ଭାବେ କଥାବାର୍ତା କରୁଥିଲେ । ଠିକ ସେହି ସମୟରେ ଡାକ୍ତର ଆସି ତାଙ୍କୁ ଦେଖିବା ପରେ ଦୁଇଟି ଇଞ୍ଜେକସନ ଦେଇଥିଲେ । ଏବଂ ତା ପରେ ତାଙ୍କ ବାପାଙ୍କ ଠାରୁ ଗୋଟେ କାଗଜରେ ଦସ୍ତଖତ ନେଇଥିଲେ । ଇଞ୍ଜେକସନ ଦେବାର ଠିକ୍ ଦୁଇ ମିନିଟ ଭିତରେ ଯାତ୍ରୀଙ୍କର ମୃତ୍ୟୁ ଘଟିଥିଲା । ସେହିପରି ଗତ ସୋମବାର ରାତି ପ୍ରାୟ ୧୦ ଟା ସମୟରେ କେନ୍ଦୁଝର ସହର ସନ୍ନିକଟ ନରଣପୁର ଅଂଚଳର କ୍ଷୀରୋଦୀନୀ ପାତ୍ରଙ୍କର ଉଚ୍ଚ ରକ୍ତଚାପ ଯୋଗୁଁ ସେ ଆସି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି ହୋଇଥିଲେ । ତାଙ୍କ ପୁଅ କୁଳମଣୀ ପାତ୍ରଙ୍କ ଅଭିଯୋଗ ଅନୁସାରେ, ରୋଗୀଙ୍କୁ ରାତ୍ରୀରେ କିଛି ଔଷଧ ଦିଆଗଲା ନାହିଁ। କେବଳ ଗୋଟିଏ ସାଲାଇନ୍ ଲଗାଇ ଦିଆଯାଇ ରୋଗୀକୁ ଛାଡି ଦେଇଥିଲେ। ସେଥିପାଇଁ ବି ଡ୍ୟୁଟିରେ ଥିବା ଦିଦି ତାଙ୍କୁ କୁଆଡେ ଅର୍ଥ ମାଗିଥିଲେ ଏବଂ ଟଙ୍କା ମଧ ନେଇଥିଲେ । ରାତିରେ ଯେତେବେଳେ ତାଙ୍କ ମା ଙ୍କର ସ୍ୱାସ୍ଥ ଅବସ୍ଥା ଅଧିକ ଗୁରୁତର ହେଲା ସେତେବେଳେ ସେ ଯାଇ ଡାକ୍ତରଙ୍କୁ ଖୋଜିଥିଲେ ମଧ ତାଙ୍କୁ ପାଇ ନଥିଲେ । ଫଳରେ ମା ର ଜୀବନ ରକ୍ଷା ପାଇଁ ସେହି ଦିଦିଙ୍କ ଗୋଡ ତଳେ ହାତ ତଳେ ପଡି ବିକଳରେ ଡାକିଥିଲେ । ହେଲେ ଦିଦି ତାଙ୍କ ମା ଙ୍କୁ ଦେଖିବାକୁ ଆସିଲେ ନାହିଁ । କିମ୍ବା ଆଜି ସକାଳୁ ତାଙ୍କୁ ଅକ୍ସିଜେନ ମଧ୍ୟ ଦିଆ ଗଲା ନାହିଁ । ଫଳରେ ସେ ଯନ୍ତ୍ରଣାରେ ଛଟପଟ ହୋଇ ମୃତ୍ୟୁ ବରଣ କରିବାକୁ ଏକ ପ୍ରକାର ବାଧ ହେଲେ। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାତ୍ର ଦୁଇ ଘଂଟା ବ୍ୟବଧାନରେ ଦୁଇ ଜଣ ରୋଗୀଙ୍କର ମୃତ୍ୟୁ ଘଟଣାକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମଙ୍ଗଳବାର ଦିନ ପ୍ରବଳ ଉତେଜନା ପ୍ରକାଶ ପାଇଥିଲା । ହେଲେ ମଙ୍ଗଳବାର ସକାଳେ ଡ୍ୟୁଟିରେ ଥିବା ଓ ଇନଜେକ୍ସନ ଦେଇଥିବା ଦିଦି ନମିତା ମଣ୍ଡଳ କହିଛନ୍ତି ଯେ ସେମାନେ ଅକ୍ସିଜେନ ଖୋଲି ପାରି ନ ଥିବାରୁ ରୋଗୀକୁ ଦେଇ ପାରନଥିଲେ । ଅନ୍ୟପକ୍ଷରେ ଡାକ୍ତରଙ୍କ ନିର୍ଦ୍ଦେଶ ଅନୁସାରେ ଯାହା ଚିକିତ୍ସା କରାଯିବା କଥା କରାଯାଇଛି । ସେପଟେ ସିଡିଏମଓ ଙ୍କର କହିବା କଥା ହେଲା ଯେ, ସେ ମେଡିକାଲର ଏଡିଏମଓଙ୍କ ସହ କଥା ହୋଇଛନ୍ତି । ଚିକିତ୍ସାରେ ଅବହେଳା ହୋଇ ନାହିଁ ତଥାପି ସିନିୟର ଡାକ୍ତର ଓ ଚିକିତ୍ସାଳୟର ପଦସ୍ତ ଅଧିକାରୀଙ୍କୁ ନେଇ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେବ । ଯଦି ଚିକିତ୍ସାରେ ଅବହେଳା ଥିବା ଦୃଷ୍ଟିକୁ ଆସେ ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସିଡିଏମଓ ଅଶୋକ ଦାଶ ତଦନ୍ତର ପ୍ରତିଶୃତି ଦେବା ପରେ ଚିକିତ୍ସାଳୟରେ ଉତେଜନା ହ୍ରାସ ପାଇଥିଲା । ଏବଂ ପରିବାର ଲୋକମାନେ ରୋଗୀଙ୍କର ମୃତଦେହ ନେଇ ନିରାଶରେ ଘରକୁ ଫେରିଛନ୍ତି । କିନ୍ତୁ, ସତରେ ଏହି ଘଟଣାର କ'ଣ ନିରପେକ୍ଷ ତଦନ୍ତ ହେବ ଏବଂ ଚିକିତ୍ସାରେ ଅବହେଳା କରିଥିବା ଡାକ୍ତରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ତାହା ଉପରେ ଏବେ ବି ଜନସାଧାରଣଙ୍କର ଆସ୍ଥା ଆସିପାରୁ ନାହିଁ, ଯାହାକି ସ୍ୱାଭାବିକ୍ । ଏଭଳି ଘଟଣା କେନ୍ଦୁଝର ଜିଲ୍ଲା ମୁଖ୍ୟଚିକିତ୍ସାଳୟ ପାଇଁ ନୂଆ କଥା ହୋଇ ନଥିବା ବେଳେ ପୂର୍ବରୁ ଅନୁରୂପ ଅନେକ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲେ ମଧ ସବୁର ଫଳ ପ୍ରାୟତଃ ଶୂନ୍ୟ ରହି ଆସିଛି । ଅବଶ୍ୟ ଇତି ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାର ଚିତ୍ର ବଦଳିଥିଲେ ମଧ ଅନ୍ୟ ଅବସ୍ଥାର କୌଣସି ପରିବର୍ତନ ହୋଇପାରିନାହିଁ ।

## ସୁ-୩୦ଏମକେଆଇରୁ ଅସ୍ତ୍ର କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ଭୁବନେଶ୍ୱର, ୧୭।୯(ପି.ଏନ): ଆକାଶରୁ ଆକାଶକୁ ଗତିଶୀଳ କ୍ଷେପଣାସ୍ତ୍ର ଅସ୍ତ୍ରକୁ ଓଡିଶା ଉପକୂଳରୁ ସଫଳତାର ସହ ପରୀକ୍ଷଣ କରାଯାଇଛି। ପରୀକ୍ଷାମୂଳକ ଭାବେ ଏହି କ୍ଷେପଣାସ୍ତ୍ରକୁ ଆଜି ସୁ-୩୦ଏମକେଆଇରୁ ପରୀକ୍ଷଣ କରାଯାଇଥିଲା। ଆକାଶମାର୍ଗରେ ଏହା ସଫଳତାର ସହ ଧାର୍ଯ୍ୟ ଲକ୍ଷ୍ୟକୁ ଭେଦ କରିବା ସହ ଆକାଶରୁ ଆକାଶକୁ ଗତିଶୀଳ ପ୍ରଥମ ସ୍ୱଦେଶୀ କ୍ଷେପଣାସ୍ତ୍ରର କ୍ଷମତା ପ୍ରଦର୍ଶିତ ହୋଇଥିଲା। ଉପଯୁକ୍ତ ପ୍ରକ୍ରିୟାରେ କ୍ଷେପଣାସ୍ତ୍ରର ପରୀକ୍ଷଣ କରାଯିବା ସହ ବିଭିନ୍ନ ରାଡାର, ଇଲେକ୍ଟ୍ରୋ ଅପ୍ଟିକାଲ ଟ୍ରାକିଙ୍ଗ ସିଷ୍ଟମ (ଇଓଟିଏସ) ଓ ସେନ୍ସର ମାଧ୍ୟମରେ ଏହା ଲକ୍ଷ୍ୟ ଭେଦ କରିଥିବା ନେଇ ନିଶ୍ଚିତ କରାଯାଇଥିଲା। ଏହି ସଫଳ ପରୀକ୍ଷଣ ପାଇଁ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂ ଡିଆରଡିଓ ଓ ବାୟୁସେନା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

## ବର୍ଷାର ଦେଖାନାହିଁ-ପ୍ରବଳ ଗରମ ଅନୁଭୂତ

ନୂଆପଡ଼ା, ୧୭।୯(ପି.ଏନ): ନୂଆପଡା ଜିଲ୍ଲାରେ ଗତ ୧୦ ଦିନ ହେବ ବର୍ଷାର ଦେଖାନଥିବା ବେଳେ ପ୍ରବଳ ଗରମ ଅନୁଭୂତ ହେଉଛି । ଫଳରେ ଲୋକେ ଖରାମାସ ଭଳି ଗରମ ଅନୁଭୂତ ହେଉଥିବା ନେଇ ପ୍ରକାଶ କରୁଛନ୍ତି । ଆଉ ୧୦ ଦିନ ପରେ ନବରାତ୍ର ଆରମ୍ଭ ହେବାକୁ ବସିଥିବା ବେଳେ ଏଠାରେ ପ୍ରବଳ ଗରମ ଲୋକଙ୍କୁ ସମସ୍ୟାରେ ପକାଇଛି । ସେପ୍ଟେମ୍ବର ମାସର ଶେଷ ଆଡକୁ ଥଣ୍ଡା ଲାଗୁଥିବା ବେଳେ ଏଠାରେ ଗରମ ଯୋଗୁଁ ଲୋକେ ଅତିଷ୍ଠ ଅନୁଭବ କରୁଛନ୍ତି ।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ ।

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ । ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ । ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ । ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ । ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ । ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ । ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ । ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ । ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ । ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି । ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି ।

# ପୁରାଣ କାହାଣୀ

## ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହିଁ । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି । ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ । ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ । ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ । ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ । ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ । ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।

## ରଣବୀର-କ୍ୟାଟ୍ରିନାକୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି । ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି । ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି । ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି । ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ । ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ । ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ । ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା । ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା । ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି ।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ । ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚାଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା । ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି । ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା । ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା । ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି । ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି ।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ନୂତନ ଭାବେ ଜନ୍ମଲାଭ କଲା ସର୍ଦ୍ଧାର ବଲ୍ଲଭଭାଇ ପଟେଲ ଯୁବ ସାମ୍ମୁଖ୍ୟ



ଭୁବନେଶ୍ୱର, (ପିଏନ) : ଭାରତର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ନୂତନ ଭାବେ ଜନ୍ମଲାଭ କଲା ସର୍ଦ୍ଧାର ବଲ୍ଲଭ ଭାଇ ପଟେଲ ଯୁବ ସାମ୍ମୁଖ୍ୟ। ନିଜର ଜନ୍ମଦିନକୁ ସ୍ମରଣୀୟ କରିବା ପାଇଁ କିଏ ପ ତାରକା ହୋଟେଲରେ କେକ୍ କାଟିବା ସହିତ ସାଙ୍ଗମାନଙ୍କ ଗହଣରେ ଡ଼ିଜେର ତାଳେ ତାଳେ ଜାକ ଜମକରେ ପାଳନ୍ କରୁଥିବା ବେଳେ ଆଉ କେହି କେହି ସ୍ୱାଦିଷ୍ଟ ଭୋଜିଭାତରେ ସାଙ୍ଗମାନଙ୍କୁ ଆପ୍ୟାୟିତ କରିଥାନ୍ତି। କିନ୍ତୁ ସର୍ଦ୍ଧାର ବଲ୍ଲଭ ଭାଇ ପଟେଲ ଯୁବ ସାମ୍ମୁଖ୍ୟ ତରଫରୁ ଏକ ନିଆରା ଢଙ୍ଗରେ ପାଳନ କରିଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ। ଆଜି ଚେତନା ମାନସିକ ଭିନ୍ନକ୍ଷମ ଅନୁଷ୍ଠାନ ପରିସରେ କୁନି କୁନି ପିଲାମନଙ୍କ ଗହଣରେ କେକ୍ କଟାଯିବା ସହ ଅଗଣା ସଫେଇ, ବୃକ୍ଷ ରୋପଣ କରାଯାଥିଲା। ଏହାପରେ ସାମ୍ମୁଖ୍ୟର ସଦସ୍ୟମାନେ ଏହି କୁନି କୁନି ପିଲାମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଷୟରେ ବୁଝାଇବା ସହିତ ବିସ୍କୁଟ୍, ଓ ଫଳ ବଣ୍ଟନ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ଜନ୍ମ ସପ୍ତାହକୁ ସେବା ସପ୍ତାହ ଭାବେ ପାଳନ କରାଯାଉଥିବା ବେଳେ ଏହି ଯୁବ ସାମ୍ମୁଖ୍ୟ ଏକ ନିଆରା ସେବା ଯୋଗାଇ ଦେଇଥିଲା। ଅନୁଷ୍ଠାନ ଉପଦେଷ୍ଟା ଦେବଦଞ୍ଚ ଚୌଧୁରୀ, ଏନ୍ ସମ୍ବିତ୍ ଦାସ, ନବଘନ ବେହେରା ଓ ଚିନ୍ମୟ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅମିତ୍ ସାହୁ, ବିଶ୍ୱଜିତ୍, ସନାତନ, କିଷନ, ବିନୋଦ, ଲିପା ଦାସ, ଦେବସ୍ମିତା, ମମତା, ପ୍ରୀତିବାଳା, ସତ୍ୟଭାମା ପ୍ରମୁଖ ଯୋଗ ଦେଇଥିଲେ।

# ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଦୈନିକ ମଜୁରୀ ପ୍ରଦାନ ପାଇଁ ଦାବିପତ୍ର

କେନ୍ଦ୍ରାପଡା (ପିଏନ)- ଓଡିଶା ଗ୍ରାମପଂଚାୟତ କର୍ମଚାରୀ ସଙ୍ଘର କେନ୍ଦ୍ରାପଡା ଶାଖା ପକ୍ଷରୁ ପଂଚାୟତର ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କୁ ଦୈନିକ ମଜୁରୀ ପ୍ରଦାନ ନିମନ୍ତେ ସୋମବାର ଅପରାହ୍ନରେ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେମାନଙ୍କ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ସଙ୍ଘର କେନ୍ଦ୍ରାପଡା ଜିଲ୍ଲାର ୨୪୯ଟି ପଂଚାୟତରେ ଥିବା ପିଅନ,ଝାଡୁଦାର ଓ ରାତ୍ର ଜଗୁଆଳମାନେ ସରକାରଙ୍କର ବିଭିନ୍ନ ଯୋଜନା ସମେତ ବାର୍ଦ୍ଧକ୍ୟ,ବିଧବା ଓ ଭିନ୍ନକ୍ଷମ ଭତ୍ତା ବଂଟନ,ଚିଠିପତ୍ର ବଂଟନ ସହ ସାଧାରଣ ଏବଂ ପଂଚାୟତ ନିର୍ବାଚନ ସମୟରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଥାନ୍ତି। ଜିଲ୍ଲାର ସବୁ ପଂଚାୟତର ନିର୍ବାହୀ ଅଧିକାରୀ ଓ ଜି.ଆର.ଏସ.ମାନଙ୍କୁ ପ୍ରତ୍ୟେହ କାର୍ଯ୍ୟଦିବସରେ ପୂର୍ବାହ୍ନ ୧୦ଟା ଠାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ପଂଚାୟତ କାର୍ଯ୍ୟାଳୟରେ ଉପସ୍ଥିତ ରହି ଜନସାଧାରଣଙ୍କ ସୁବିଧା,ଅସୁବିଧା ବୁଝିବା ସହିତ ବିଭିନ୍ନ ସରକାରୀ ଜନକଲ୍ୟାଣ ଯୋଜନାରେ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ବ୍ୟବସ୍ଥା କରିବାକୁ ସରକାରୀ ନିର୍ଦ୍ଦେଶନାମା ଜାରିହୋଇଛି। ଏହା ଫଳରେ ପଂଚାୟତର ସରପଂଚ ଓ ନିର୍ବାହୀ ଅଧିକାରୀମାନେ ପଂଚାୟତର ପିଅନ,ଝାଡୁଦାର ଓ ରାତ୍ର ଜଗୁଆଳମାନଙ୍କୁ ଦିନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ପଂଚାୟତ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ବାଧ୍ୟ କରୁଛନ୍ତି। ଦୀର୍ଘଦିନ ଧରି ପଂଚାୟତର ଏହି ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ କାର୍ଯ୍ୟ କରିଆସୁଥିବା ବେଳେ ପଂଚାୟତର ଆଭ୍ୟନ୍ତରୀଣ ଆୟରୁ ଏମାନଙ୍କୁ ଦରମା ପ୍ରଦାନର ବ୍ୟବସ୍ଥା ରହିଥିବାରୁ କେତେକ ପଂଚାୟତରେ ୧୦୦,୨୦୦ ଓ ୫୦୦ଟଙ୍କା ମାସିକ ଦରମା ପ୍ରଦାନ କରାଯାଉଥିବା ବେଳେ ଅନ୍ୟ କେତେକ ପଂଚାୟତରେ ନିଜସ୍ୱ ଆୟପନ୍ଥା ନଥିବାରୁ ସେହି ପଂଚାୟତର ଏହି କର୍ମଚାରୀଙ୍କୁ ଦରମା ମିଳେନାହିଁ ବୋଲି ସଙ୍ଘ ଅଭିଯୋଗ କରିଛି। ବର୍ତ୍ତମାନର ନିଅଂଟିଆ ବଜାରରେ ଏଭଳି ସ୍ୱଳ୍ପ ବେତନରେ ବା ବିନା ଦରମାରେ ପରିବାର ଚଳାଇବା ବହୁ କଷ୍ଟକର ଓ ଦୁଃଖଦାୟକ ହୋଇପଡୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ତେଣୁ ପଂଚାୟତର ସେହି ପିଅନ,ଝାଡୁଦାର ଓ ରାତ୍ର ଜଗୁଆଳମାନଙ୍କୁ ଅନୁନ୍ୟ ସରକାରଙ୍କ ଦୈନିକ ମଜୁରୀ ପ୍ରଦାନର ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି। ଓଡିଶା ଗ୍ରାମପଂଚାୟତ କର୍ମଚାରୀ ସଙ୍ଘ(ଚତୁର୍ଥ ଶ୍ରେଣୀ)ର କେନ୍ଦ୍ରାପଡା ଶାଖା ସଭାପତି ଅନିଲ ଚନ୍ଦ୍ର ଲେଙ୍କା, ସମ୍ପାଦକ ଧ୍ରୁବ ଚରଣ ସାମଲ, ବିଜୟ କୁମାର ସେଠୀ, ପ୍ରଦୀପ୍ତ କୁମାର ବାରିକ, ଅରବିନ୍ଦ ବାରିକ, ଅଭୟ କୁମାର ବାରିକ, ଜଗନ୍ନାଥ ବେହେରା, ରଞ୍ଜିତ କୁମାର ବେହେରା, ଅଙ୍କୁର ବେହେରା, ସୁକାନ୍ତ ନାୟକ, ସଞ୍ଜୟ ସେଠୀ, ସୁବାଷ ଚନ୍ଦ୍ର ବେହେରା, ଅରକ୍ଷିତ ମାହୁନ୍ତ, ପ୍ରମୋଦ କୁମାର ଓଝା, ନରେଶ କୁମାର ବେହେରା, ବୀରବର ନାୟକ, ନିରଞ୍ଜନ ଦାସ, ଭୀମସେନ ସାହୁ ପ୍ରମୁଖ ଶତାଧିକ କର୍ମଚାରୀ ଜିଲ୍ଲାପାଳ, ଜିଲ୍ଲା ପଂଚାୟତ ଅଧିକାରୀ ଓ ଉପଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।



# ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ବ୍ଲକସ୍ତରିୟ ପ୍ରତିଯୋଗିତା

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ରାଜା ଆର୍ତତ୍ରାଣ ହାଇସ୍କୁଲ ପରିସରରେ ମହାତ୍ମାଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ପାଳନ ଉପଲକ୍ଷେ ଖଡିଆଳ ବ୍ଲକସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନକୁଳ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ପତି ମୁଖ୍ୟଅତିଥି ଭାବରେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷକ ଅଶୋକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଭାଗର ବିଚାରକ ଭାବରେ ଶିକ୍ଷାବିତ ସତୀଶ ପଟ୍ଟନାୟକ, ସବିତା ପଟ୍ଟନାୟକ, ପ୍ରଭାତୀ ମିଶ୍ର, ଆଦିତ୍ୟ ନାରାୟଣ ପଣ୍ଡା, ଯଶୋବନ୍ତ ନାରାୟଣ ପଣ୍ଡା, ମନୋରମା ରଥ, ଚନ୍ଦ୍ର କୈବର୍ତ୍ତ, ପପୁ ସତନାମୀ, ଯୁଧିଷ୍ଠିର ମେହେର, ଗୋପାଳ କୃଷ୍ଣ ମେହେର ଦାୟିତ୍ୱ ନିର୍ବାହ କରିଥିଲେ। ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗୀତାରେ ଛାତ୍ର ଭୂପେନ୍ଦ୍ର ସୁନାନୀ ପ୍ରଥମ, କୃଷ୍ଣ ପ୍ରଧାନୀ ଦ୍ୱିତୀୟ ଏବଂ ପ୍ରଶାନ୍ତ ମେହେର ତୃତୀୟ, ଦେଶାତ୍ମବୋଧକ ଗୀତ ପ୍ରତିଯୋଗୀତାରେ ଝରଣା ଦୀପ ପ୍ରଥମ, ହର୍ଷିତା ନାଏକ ଦ୍ୱିତୀୟ ଏବଂ ରଶ୍ମିତା କୁମ୍ଭାର ତୃତୀୟ, ପ୍ରବନ୍ଧ ପ୍ରତିଯୋଗୀତାରେ ଉଦନ୍ତୀ ମେହେର ପ୍ରଥମ, ଉର୍ବଷୀ କୈବର୍ତ୍ତ ଦ୍ୱିତୀୟ, ଅବନ୍ତିକା ପ୍ରଧାନ ତୃତୀୟ ଓ ବକ୍ତୃତା ପ୍ରତିଯୋଗୀତାରେ ବବିତା ମେହେର ପ୍ରଥମ, ଆରୁଷି ପଣ୍ଡା ଦ୍ୱିତୀୟ ଏବଂ ଝାନସୀ ନାଗ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଭିନ୍ନ ପ୍ରତିଯୋଗୀତାର ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରଛାତ୍ରୀ ମାନେ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିବେ ବୋଲି ସୂଚନା ମିଳିଛି।

# କୃଷି ବିଜ୍ଞାନ କେନ୍ଦ୍ର, ବାଲେଶ୍ୱର ପରିସରରେ "ବୃହତ୍ ବୃକ୍ଷରୋପଣ ଅଭିଯାନ ଏବଂ କୃଷକ ଗୋଷ୍ଠୀ" କାର୍ଯ୍ୟକ୍ରମ



ବାଲେଶ୍ୱର(ପିଏନ)- କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟ, ଭାରତ ସରକାରଙ୍କ ତରଫରୁ ବାଲିଆପାଳ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର, ବାଲେଶ୍ୱର ଓ ଇଫ୍‌କୋ'ର ମିଳିତ ଆନୁକୂଲ୍ୟରେ ଏକ "ବୃହତ୍ ବୃକ୍ଷରୋପଣ ଅଭିଯାନ ଏବଂ କୃଷକ ଗୋଷ୍ଠୀ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୦୦୨ଜଣ ଚାଷୀ ଭାଇ ଓ ଭଉଣୀ ଅଂଶଗ୍ରହଣ କରିଥିଲେ। କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ ସୁନୀଲ କୁମାର ମହାପାତ୍ର ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ବିଶଦ ଭାବେ ଆଲୋଚନା କରିଥିଲେ। ଇଫ୍‌କୋ, ବାଲେଶ୍ୱରରୁ ଆସିଥିବା ଉପ ପ୍ରବନ୍ଧକ ଶ୍ରୀ ଶେଷ ଦତ ସୋନୀ ଇଫ୍‌କୋ ଉତ୍ପାଦ ଓ ପରିବେଶ ସନ୍ତୁଳନ ସଂପର୍କରେ ଚାଷୀ ଭାଇଭଉଣୀମାନଙ୍କୁ ବୁଝାଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ବୃକ୍ଷରୋପଣ ଓ କୃଷିରେ ବିଭିନ୍ନ ସ୍ତରରେ ବୈଜ୍ଞାନିକ କୌଶଳର ଉପଯୋଗ ଉପରେ ଚାଷୀ ଭାଇମାନଙ୍କ ସହିତ ଭାବର ଆଦାନପ୍ରଦାନ କରିଥିଲେ। ପରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଏବଂ ବୈଜ୍ଞାନିକମାନେ ଚାଷୀମାନଙ୍କ ସହିତ ମିଶି ଚାରା ରୋପଣ କରିଥିଲେ। ଏଥି ସହିତ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ୮୦୦ଟି ଚାରା ଯଥା ଶାଗୁଆନ, ନିମ୍ବ, ଆକାଶିଆ, ମାଲାବାର ନିମ୍ବ ଇତ୍ୟାଦି ଚାଷୀମାନଙ୍କୁ ପ୍ରଦାନ କରାଯାଇଥିଲା ଏବଂ ଏଗୁଡିକୁ ବୈଜ୍ଞାନିକ ପ୍ରଣାଳୀରେ ଲଗାଇବା ପାଇଁ ପରାମର୍ଶ ଦିଆଯାଇଥିଲା। ପରିଶେଷରେ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଏକ କୃଷକ ଓ ବୈଜ୍ଞାନିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ କର୍ମଚାରୀବୃନ୍ଦ ସହଯୋଗ କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ନୂଆପଡା, (ପିଏନ)-ନୂଆପଡା ଜିଲ୍ଲା ଖଡିଆଳ ପୋଲିସର ଉଦ୍ୟମ ଏବଂ ବିଭିନ୍ନ ଅନୁଷ୍ଠାନ, ସଂଘର ସହଯୋଗରେ ସଡ଼କ ସୁରକ୍ଷା ସଂକ୍ରାନ୍ତୀୟ ଏକ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଖଡିଆଳ ପୋଲିସ ସହ ନୂଆପଡା ଜିଲ୍ଲା ସାମ୍ବାଦିକ ସଂଘ, ଜର୍ଣ୍ଣାଲିଷ୍ଟ ଏସୋସିଏସନ ଅଫ ନୂଆପଡା, ନୂଆପଡା ଜିଲ୍ଲା ପ୍ରେସ କ୍ଲବ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ସହୀଦ ଭଗତ ସିଂ ମୋର୍ଚ୍ଚା, ରଶ୍ମୀ ଅଟୋମୋବାଇଲ, ଖଡିଆଳ ଓକିଲ ସଂଘ, ଖଡିଆଳ ବଣିକ ସଂଘ, ଜେସିଆଇ ଖଡିଆଳ ସିଟି ସହ ବିଭିନ୍ନ ସଚେତନ ଅନୁଷ୍ଠାନ ଓ ନାଗରିକ ଏହି ସଚେତନତା କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ। ଏହି ଅବସରରେ ସମଲେଶ୍ୱରୀ ମନ୍ଦିର ଠାରୁ ଏକ ସଚେତନତା ର୍‍ୟାଲି ଖଡିଆଳ ନଗର ପରିକ୍ରମା କରିଥିଲା। ବିନା ହେଲମେଟରେ ବାଇକ୍ ନଚଲାଇବା, ଫୋନ୍ ବ୍ୟବହାର ନକରିବା, ମଦ ନପିଇବା, ବାଇକରେ ୨ ଜଣରୁ ଅଧିକଙ୍କୁ ନବସାଇବା, ଭୂଲ ରାସ୍ତାରେ ଗାଡି ନଚଲାଇବା, ଚାରିଚକିଆ ଗାଡି ଚାଳକ ଓ ଯାତ୍ରୀ ସିଟ ବେଲ୍ଟ ବାନ୍ଧିବା, ଗାଡିର ଆବଶ୍ୟକ କାଗଜାତ ନିଜ ପାଖରେ ରଖିବାକୁ ନେଇ ସଚେତନ କରିଥିଲେ।

ଏହି ସଚେତନତା ର୍‍ୟାଲିରେ ଖଡିଆଳ ଏସଡିପିଓ ବିରଂଚି ନାରାୟଣ ଦେହୁରୀ, ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ, ଦେବାର୍ଚ୍ଚନ ନିଆଲ, ଜିତୁମୋହନ ବେଶ୍ରା, ଡମ୍ବରୁଧର ପ୍ରଧାନ, ଅଜିତ ପଣ୍ଡା, ତପନ ରଞ୍ଜନ ଦାଶ, ସୁଜିତ ପ୍ରଧାନ, ବିଜୟ ସହିସ, ମୋତିଲାଲ ବାଗ, କୁନୁ କରୁଆଁ, ରଶ୍ମୀ ଚଲାନ, ଚିତ ରଞ୍ଜନ ସିଂଦେଓ, ଭବେଶ ପାଣିଗ୍ରାହୀ, ସନ୍ତୋଷ ମିଶ୍ର, ତୁଳସୀ ଜଗତ, ଗିରିଧାରୀ ବିଭାର, ରତନ ବାରିକ, ଶିବ ସିଂଘଲ, ବିକି ସରାଫ, ସୁମିତ ଅଗ୍ରୱାଲ, ରାଜୁ ଅଗ୍ରୱାଲ, ବିକାଶ ଅଗ୍ରୱାଲ ସମେତ ଶତାଧିକ ବୁଦ୍ଧିଜିବୀ, ଛାତ୍ରଛାତ୍ରୀ, ସଙ୍ଗଠନର କର୍ମକର୍ତ୍ତା ସାମିଲ ଥିଲେ।

## ଖଡିଆଳ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

ନୂଆପଡା,(ପିଏନ)-ନୂଆପଡା ଜିଲ୍ଲା ଖଡିଆଳ ଲକ୍ଷ୍ମୀଛକ ଠାରେ ଅନୁଷ୍ଠିତ ୩୬ ତମ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଶୈଳେନ୍ଦ୍ର ମୋହନ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ପୂଜା ସମ୍ପାଦନ ପାଇଁ ଏକ କମିଟି ଗଠନ କରାଯାଇଥିଲା। ସଭାପତି ଭାବରେ ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ଉପସଭାପତି ଭାବରେ ଶୈଳେନ୍ଦ୍ର ମୋହନ ପାଣିଗ୍ରାହୀ, ସମ୍ପାଦକ ଭାବରେ ପ୍ରଦୀପ୍ତ ମାହାନା, ସୁନିଲ କୁମାର ନାଗ, ଚନ୍ଦନ ସାହୁ ଏବଂ କୋଷାଧ୍ୟକ୍ଷ ଭାବରେ ନିର୍ମଳ ଦଣ୍ଡସେନାକୁ ମନୋନୀତ କରାଯାଇଥିଲା। ଚଳିତ ବର୍ଷ ଗଜଲକ୍ଷ୍ମୀ ପୂଜା ଲକ୍ଷ୍ମୀଛକ ରାସ୍ତାକଡ ପରିବର୍ତ୍ତେ ଇଣ୍ଡିଆନ ଗ୍ୟାସ୍ ଗୋଦାମ ସାମନାରେ ନିର୍ମାଣଧିନ ପୂଜା ମଣ୍ଡପରେ ପୂଜା ଅନୁଷ୍ଠିତ ହେବାକୁ ସ୍ଥିରିକୃତ ହୋଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଶିଷ ପଣ୍ଡା, ଆଶୁତୋଷ ଯୋଷୀ, ରୂପେଶ ଅଗ୍ରୱାଲ, ପ୍ରଦୀପ ମିଶ୍ର, ଦୁର୍ବା ଖମାରୀ, ମନୋରଞ୍ଜନ ଦଣ୍ଡସେନା, ସୁମନ, ଉତମ, ଦେବ, ଦେଶଦେବ, ରାଜା, ବିଦ୍ୟାଧର, ବିଜୟ, ଜୟସିଂଘଙ୍କ ସମେତ ଅନେକ ପ୍ରମୁଖ ଓ ପୁରାତନ କର୍ମକର୍ତ୍ତା ଉପସ୍ଥିତ ରହି ପୂଜାବିଧି, ମଣ୍ଡପ ସାଜସଜ୍ଜା, ମନୋରଞ୍ଜନ କାର୍ଯ୍ୟକ୍ରମ, ପାଣି ସଂଗ୍ରହ, ଶାନ୍ତିଶୃଙ୍ଖଳା ରକ୍ଷା ଓ ଅନ୍ୟାନ୍ୟ ଆନୁସାଙ୍ଗିକ ବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ।

## ନୂଆଁଖାଇ ଭେଟଘାଟ ଓ ଚିତ୍ରାଙ୍କନ ପ୍ରତିଯୋଗିତା

ନୂଆପଡା,(ପିଏନ)-ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ପରୀକ୍ଷିତ ଯୁକ୍ତ ଦୁଇ ବିଜ୍ଞାନ କଲେଜର ସମ୍ମିଳନୀ କକ୍ଷ ଠାରେ ଆବାଜ ସଂଗଠନ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ସହ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିତେନ୍ଦ୍ରନାଥ ପଟ୍ଟନାୟକ, ସମ୍ମାନୀତ ଅତିଥି ଭାବରେ କଲେଜର ନିର୍ଦ୍ଦେଶକ ତେଜରାଜ ବାଗ ଏବଂ ମମତା ମଞ୍ଜରୀ ଥପା ଯୋଗଦାନ କରିଥିବା ବେଳେ ଆବାଜ ସଂଗଠନର ସଦସ୍ୟ ଲୋକରଞ୍ଜନ ସୁନାନୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସଦସ୍ୟ ସଞ୍ଜୟ ସଗରିଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ୨୦ ମାସ ଧରି ଆକାଉଂଟକୁ ଯାଇପାରୁନି ଶିକ୍ଷକଙ୍କ ଇପିଏଫ ଟଙ୍କା

ଜୟପାଟଣା,(ପିଏନ)-- ଜୟପାଟଣା ବ୍ଲକ୍ ଶିକ୍ଷା ବ୍ୟବସ୍ଥାରେ କନିଷ୍ଠ ଶିକ୍ଷକମାନଙ୍କର ୨୦ ମାସର ଇ.ପି.ଏଫ ରାଶି ପୈଠ ନହୋଇ ପଡ଼ି ରହିଥିବାରୁ ଆଜି ଶିକ୍ଷକମାନେ ସନ୍ଧ୍ୟା ସମୟରେ ବି.ଆର୍.ସି.ସି.ଙ୍କୁ ସାକ୍ଷାତକରି ଏକ ଦାବିପତ୍ର ପ୍ରଦାନ କରିବା ସହିତ କିଛି ଦିନ ମଧ୍ୟରେ ସମସ୍ତ ଇ.ପି.ଏଫ୍ ଟଙ୍କା ନିର୍ଦ୍ଧେଷ୍ଟ ଆକାଉଂଟରେ ଜମା ନହେଲେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିବା ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଯେ ଜୟପାଟଣା ଶିକ୍ଷା ବିଭାଗରେ କାର୍ଯ୍ୟରତ ୮୬ଜଣ ଠିକା କନିଷ୍ଠ ଶିକ୍ଷକ, ୫୫ ଜଣ କନିଷ୍ଠ ଶିକ୍ଷକ ଏବଂ ୧୩ ଜଣ ଶିକ୍ଷା ସହାୟକ ମୋଟ ୧୫୪ ଜଣ ଶିକ୍ଷକଙ୍କ ପ୍ରାପ୍ୟ ଦରମାର ୧୨% ପ୍ରତିଶତ ଇ.ପି.ଏଫ୍ ପଇସା ସେମାନଙ୍କ ବ୍ୟକ୍ତିଗତ ଇ.ପି.ଏଫ୍. ଖାତାକୁ ନଯାଇ ୧୭ ମାସ ଧରି ଜମା ହୋଇନଥିବା ଅଭିଯୋଗ କରିଛନ୍ତି ଯ ଜୟପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆକାଉଂଟରୁ ୯୦ ଲକ୍ଷରୁ ଅଧିକ ଟଙ୍କା ଆତ୍ମସାତ ହୋଇଥିଲେ ମଧ ଜିଲ୍ଲା ଶିକ୍ଷା ବିଭାଗ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ କରି ନଥିବା ବେଳେ ଏବେ ପୁନଶ୍ଚ ସେହି ଆକାଉଂଟରେ ଲକ୍ଷ ଲକ୍ଷ ଟଙ୍କା ପଡ଼ି ରହି ଥିବାରୁ ପୁଣିଥରେ ଆଉ ଏକ ବିପଦକୁ ସ୍ୱାଗତ କରୁଛି କି ବୋଲି ଆଲୋଚନ ହେଉଛି। ଏ ସଂକ୍ରାନ୍ତରେ ବି.ଆର୍.ସି.ସି. କରୁଣାକର ବାଗଙ୍କୁ ପଚ୍ଛରିବାରୁ ଆଗାମୀ ଦଶଦିନ ମଧ୍ୟରେ ସମସ୍ତ ସମସ୍ୟାର ସମାଧାନ ହେବବୋଲି ପ୍ରକାଶ କରିଥିଲେ। ସଭାପତି ସୁଭେନ୍ଦୁ ପଣ୍ଡା, ସଂପାଦକ ଅଭିଶେକ ପଣ୍ଡାଙ୍କ ନେତୃତ୍ୱରେ ୫୦ରୁ ଅଧିକ ଶିକ୍ଷକ ଦାବିପତ୍ର ପ୍ରଦାନ କରିଥିଲେ।



ଯୋଡା ପୌରା□ଳରେ ଖୁଦୁରୁକୁଣୀ ଓଷା ମହାଆଡମ୍ବର ସହକାରେ ସଂପନ୍ନ

# ଶ୍ରମମନ୍ତ୍ରୀଙ୍କ ବିବାଦୀୟ ବିବୃତ୍ତିକୁ ଯୁବ ଆଇଏନଟିୟୁସିର ନିନ୍ଦା

ରାଉରକେଲା, (ପିଏନ) : ଆଜି ପିଡବ୍ଲ୍ୟୁଡି ଆଇବି ଠାରେ ଯୁବ ରଷ୍ଟ୍ରୀୟ ମଜଦୁର କଂଗ୍ରେସର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବ ଆଇଏନ୍‌ଟିୟୁସି ଜିଲ୍ଲା ସଭାପତି ଅଜୟ ପାଇକରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯୁବ ଆଇଏନ୍‌ଟିୟୁସି ରାଜ୍ୟ ସଭାପତି ସତ୍ୟବ୍ରତ ନାୟକ ଯୋଗ ଦେଇ କେନ୍ଦ୍ର ଶ୍ରମମନ୍ତ୍ରୀ ସନ୍ତୋଷ ଗଙ୍ଗୱାର ଦେଇଥିବା ବିବୃତ୍ତିର ତୀବ୍ର ନିନ୍ଦା କରିଥିଲେ। ଦେଶରେ ବର୍ତ୍ତମାନ ଆର୍ଥିକ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ କେନ୍ଦ୍ରୀୟ ଶ୍ରମମନ୍ତ୍ରୀ ଏଭଳି ବିବୃତ୍ତି ଦେବା ଆଦୌ ଶୋଭାପାଉ ନାହିଁ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। କେନ୍ଦ୍ର ସରକାର ବର୍ତ୍ତମାନର ଆର୍ଥିକ ମାନ୍ଦାବସ୍ଥାରୁ ମୁକୁଳିବା ଉଦ୍ୟମ କରିବା ପରିବର୍ତ୍ତେ ଦେଶବାସୀଙ୍କୁ ହତୋତ୍ସାହିତ କରିବା ଭଳି ବିବୃତ୍ତି ଦେବା ଦୁର୍ଭାଗ୍ୟଜନକ। ଆର୍ଥିକ ମାନ୍ଦାବସ୍ଥାର ପ୍ରତିକାର ପାଇଁ ଉତ୍ପାଦନ ଓ କର୍ମନିଯୁକ୍ତିକୁ ସରକାର ଗୁରୁତ୍ୱ ନ ଦେଇ ଦେଶରେ ଯୋଗ୍ୟ ପ୍ରାର୍ଥିଙ୍କ ଅଭାବ ଥିବା କହି ଦେଶବାସୀଙ୍କୁ ନୈରାଶ୍ୟ ମଧ୍ୟକୁ ଠେଲିଦେବା କେନ୍ଦ୍ର ସରକାରଙ୍କ ଦୁର୍ବଳତାକୁ ସ୍ପଷ୍ଟ କରୁଛି। ଏଥିସହ ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ ଜିଲ୍ଲା ଶିଳ୍ପ ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ପାଇଛି। ମାତ୍ର ଏଠାରେ ଥିବା ଛୋଟବଡ ଶିଳ୍ପ, କଳକାରଖାନା, ବଡ ବଡ ହୋଟେଲ ଶିଳ୍ପରେ ଜିଲ୍ଲାର ପରିବେଷ ପ୍ରଦୂଷଣ ପ୍ରତି ଆଦୌ ଦୃଷ୍ଟି ଦିଆଯାଉନଥିବା ଦେଖିବାକୁ ମିଳୁଛି। ଏସବୁ କାରଖାନାରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉ ନଥିବାବେଳେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ନୀରବଦ୍ରଷ୍ଟା ସାଜିବା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ବୋଲି ଶ୍ରୀ ନାୟକ କହିଛନ୍ତି। ଦେଶରେ ରାଉରକେଲା ସହର ମଧ କର୍ମନିଯୁକ୍ତି କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବେଳେ ତ୍ରୁଟିପୂର୍ଣ୍ଣ ଅର୍ଥନୈତିକ ପଦକ୍ଷେପ ଯୋଗୁ ଅନେକ ଛୋଟ ବଡ କଳକାରଖାନା ବନ୍ଦ ହୋଇଯାଇଛି। ଫଳରେ ହଜାର ହଜାର ଶ୍ରମିକ ଚାକିରୀ ହରାଇ ନିଜର ଜୀବିକା ହରାଇ ବସିଛନ୍ତି। ଆଜି ସାଧାରଣ ଶ୍ରମିକଙ୍କୁ ଚାକିରୀ କିମ୍ବା ସର୍ବନିମ୍ନ ମଜୁରୀ ମିଳିବା କାଠିକାର ପାଠ ହୋଇଛି। ଏଠାରେ ନୂତନ ଭାବେ ଗଢି ଉଠୁଥିବା ସପିଙ୍ଗ ମଲ୍, ରେସ୍ତୋରାଁ ଓ ଅନ୍ୟାନ୍ୟ ଶିଳ୍ପରେ ସ୍ଥାନୀୟ କର୍ମ ନିୟୋଜନ ସଂସ୍ଥା ଅଗୋଚରରେ ବାହାର ରାଜ୍ୟର ଲୋକମାନଙ୍କୁ ନିଯୁକ୍ତ କରାଯାଉଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୀତି ନିୟମ ଅନୁଯାୟୀ ୮୦ ପ୍ରତିଶତ ସ୍ଥାନୀୟ ବେକାରୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦିଆଯିବା କଥା। ଏସବୁ ସଂସ୍ଥାମାନେ ସରକାରଙ୍କ ନୀତି ନିୟମକୁ ଜଳାଞ୍ଜଳି ଦେଇ ବାହାର ରାଜ୍ୟର ଲୋକଙ୍କୁ ଏଠାରେ ନିଯୁକ୍ତି ଦେଉଛନ୍ତି। ଯେତେବେଳେ ତେଲେଙ୍ଗାନା ଓ ମଧ୍ୟପ୍ରଦେଶରେ ଘରୋଇ ନିଯୁକ୍ତି କ୍ଷେତ୍ରରେ ସ୍ୱତନ୍ତ୍ର ଆଇନ୍ କରାଯାଇଥିବା ବେଳେ ଓଡିଶାରେ କାହିଁକି ଏଭଳି ଆଇନ୍ ପ୍ରଣୟନ କରାଯାଉ ନାହିଁ ବୋଲି ଶ୍ରୀ ନାୟକ ପ୍ରଶ୍ନ କରିଛନ୍ତି। ସେହିପରି କୃଷି ଓ ବେସରକାରୀ ଉତ୍ପାଦନ କ୍ଷେତ୍ର ମଧ୍ୟ ଅବହେଳିତ। ସରକାରୀ ବିଧି ବ୍ୟବସ୍ଥା ସଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବାରୁ ଶ୍ରୀ ନାୟକ ଏହାର ତୀବ୍ର ସମାଲୋଚନା କରିଥିଲେ। ଏଥିରେ ସୁନ୍ଦରଗଡ ଜିଲ୍ଲା ଯୁବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜିଲ୍ଲା ସଭାପତି ଅଜୟ ପାଇକରାୟଙ୍କ ସମେତ ଯୁବ ରାଜ୍ୟ ମଜଦୁର କଂଗ୍ରେସ କୋଷାଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ସାହୁ, ଯୁବ ରାଜ୍ୟ ମଜଦୁର କଂଗ୍ରେସ ମୁଖପାତ୍ର କୈଳାସ ଚନ୍ଦ୍ର ସାହୁ, ନିଖିଳ ଉତ୍କଳ ଗ୍ରାମୀଣ ଚାଷୀମୂଲିଆ ସଂଘ ଜିଲ୍ଲା ସଭାପତି ଯୋଶେଫ ଖେସ୍, ଶୁକଦେବ ପଣ୍ଡା, ଜେମ୍ସ ବାହାଲା, ଆଶା ମିଞ୍ଜ, ସନି ସୋଲାଙ୍କି, ଆକାଶ ଚରତ, କେ. କିରଣ, ଜୟରାମ କୁଜୁର, ଦୀପିକା କାଣ୍ଡୁଲନା, ସୁସ୍ମିତା କାଣ୍ଡୁଲନା ପ୍ରମୁଖ ଉପସ୍ଥିତ ରାଜ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଯୁବ ଆଇଏନ୍‌ଟିୟୁସି ରାଜ୍ୟ ମୁଖପାତ୍ର କୈଳାସ ଚନ୍ଦ୍ର ସାହୁ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

# ପଚାଂୟତସ୍ତରୀୟ ନୂଆଁଖାଇ ଭେଟଘାଟ୍

ନୂଆପଡା, (ପିଏନ)-ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଲାଞ୍ଜି ପଚାଂୟତର ଲାଞ୍ଜି ଗ୍ରାମରେ ପଚାଂୟତସ୍ତରୀୟ ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପଂଚାୟତ ଅଫିସରୁ ଅତିଥି ମାନଙ୍କୁ ଘୁମୁରା ଓ ବିଭିନ୍ନ ବାଦ୍ୟଯନ୍ତ୍ରର ତାଳେ ତାଳେ ଜନ ସାଧାରଣ ସଭାସ୍ଥଳକୁ ପାଛୋଟି ନେଇଥିଲେ। ଏହାପରେ ଝାଙ୍କର ତଥା ସରପଂଚ ହିରାଧର ମାଝୀ ଦୀପ, ଧୂପ, ନୂଆ ଚାଉଳରେ ଧରିତ୍ରୀ ମାତାଙ୍କୁ ପୂଜାର୍ଚ୍ଚନା କରିଥିଲେ। ସଭାପତି ଭାବରେ ଖଡିଆଳ ବ୍ଲକ ଅଧ୍ୟକ୍ଷ ତଥା ଲାଞ୍ଜି ପଂଚାୟତ ସମିତିସଭ୍ୟ ବାଳକୃଷ୍ଣ ଶବର ନୂଆଁଖାଇ ଭେଟଘାଟର ଉଦ୍ଦେଶ୍ୟ ଜ୍ଞାପନ କରି ସଭା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବରେ କୋମନା ପଂଚାୟତ ସମିତି ଅଧ୍ୟକ୍ଷ ମନୋଜ ମିଶ୍ର, ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ୍ ମେଜର ଡଃ. ରାମଚନ୍ଦ୍ର ମିଶ୍ର, ସମ୍ମାନୀତ ଅତିଥି ଭାବରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାଣ୍ଡେ, ସରପଂଚ ନନ୍ଦଲାଲ ପାଣ୍ଡେ, ବିଧୁର ଶବର, ଦହିମତୀ ଭୋଇ, ଅନୁପ ସିଂଦେଓ, ଅବନୀ ସିଂନୀତା, ନିକିତା ବିଶି ସମେତ ୨୨ ଜଣ ସରପଂଚ, ସମିତି ସଭ୍ୟସଭ୍ୟା ଯୋଗଦାନ କରି ନୂଆଁଖାଇର ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସମସ୍ତେ ଏକତ୍ରିତ ହୋଇ ଖଡିଆଳର ବିକାଶ କ୍ଷେତ୍ରରେ ଦୃଷ୍ଟି ଦେବାକୁ ମତ ପ୍ରକାଶ ପାଇଥିଲା। ନାଏବ ସରପଂଚ ରମ୍ଭା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ତ୍ତିକେଶ୍ୱର ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଇଷ୍ଟଦେବୀଙ୍କୁ ପୂଜାର୍ଚ୍ଚନା ପରେ କୁରେପତ୍ରରେ ନୂଆଁଖାଇ ଜୁହାରଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




## ଉତ୍କୃଷ୍ଟ ସମାଜସେବା ପାଇଁ ବିଶ୍ୱ ଆର୍ଥିକ ପ୍ରଗତି ଓ ଅନୁସନ୍ଧାନ ଅନୁଷ୍ଠାନ ପକ୍ଷରୁ ଇଂ. ଜଗବନ୍ଧୁ ଜଗବନ୍ଧୁ ଷଡ଼ଙ୍ଗୀଙ୍କୁ ସ୍ୱର୍ଣ୍ଣପଦକ




ଭୁବନେଶ୍ୱର (ପିଏନ୍): ସାମାଜିକ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ଓ ଉତ୍କୃଷ୍ଟ ସମାଜସେବା ପାଇଁ ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚର ପ୍ରତିଷ୍ଠାତା ସଦସ୍ୟ ତଥା ମଞ୍ଚର ସାଧାରଣ ସମ୍ପାଦକ ଏବଂ ପ୍ରାଚୀ ସାଂସ୍କୃତିକ ଅନୁଷ୍ଠାନର ପୃଷ୍ଠପୋଷକ ଓ ସଭାପତି ଇଂ. ଜଗବନ୍ଧୁ ଷଡ଼ଙ୍ଗୀଙ୍କୁ ବିଶ୍ୱ ଆର୍ଥିକ ପ୍ରଗତି ଓ ଅନୁସନ୍ଧାନ ଅନୁଷ୍ଠାନ, ନୂଆଦିଲ୍ଲୀ ପକ୍ଷରୁ ଚଳିତ ବର୍ଷ ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣାନ ସ୍ୱର୍ଣ୍ଣ ପଦକ ସମ୍ମାନରେ ସମ୍ମାନିତ କରାଯାଇଛି। ବେଙ୍ଗାଲୁରରେ ଅନୁଷ୍ଠିତ ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ଅବସରରେ ଶ୍ରୀମତୀ ଅମ୍ବିକା ଷଡ଼ଙ୍ଗୀ ଓ ଇଂ. ଜଗବନ୍ଧୁ ଷଡ଼ଙ୍ଗୀଙ୍କୁ ମାନପତ୍ର, ଟ୍ରଫି ଏବଂ ସ୍ୱର୍ଣ୍ଣ ପଦକ ପ୍ରଦାନ ପୂର୍ବକ ମଞ୍ଚରେ ସମ୍ମାନିତ କରାଯାଇଥିଲା। ଏତଦ୍‌ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଓ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଦେଶର ବାରଟି ଅନ୍ୟ ରାଜ୍ୟରୁ ଚୟନ ବ୍ୟକ୍ତିବିଶେଷମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଦେଶରେ ପ୍ରଗତି ଏବଂ ଜାତୀୟ ସଂହତିର ପ୍ରତିଷ୍ଠା ପାଇଁ ଉତ୍ସର୍ଗୀକୃତ ବିଶ୍ୱ ଆର୍ଥିକ ପ୍ରଗତି ଓ ଅନୁସନ୍ଧାନ ଅନୁଷ୍ଠାନ ୧୯୭୫ ମସିହାରେ ପ୍ରତିଷ୍ଠିତ ହୋଇ ରାଷ୍ଟ୍ରୀୟସ୍ତରରେ ବିଭିନ୍ନ ରାଜ୍ୟର ସମାଜସେବୀମାନଙ୍କୁ ଠାବ କରି ସମ୍ମାନିତ କରିବାକୁ ନିଜର ଧର୍ମ ଭାବରେ ଗ୍ରହଣ କରିଆସିଛି। ନିଃସ୍ୱାର୍ଥପର ସମାଜସେବାରେ ଲିପ୍ତ ବ୍ୟକ୍ତିବିଶେଷମାନଙ୍କ ସବିଶେଷ ବିବରଣୀ ସଂଗ୍ରହ କରି ସେମାନଙ୍କୁ ରାଷ୍ଟ୍ରର ବିକାଶ ପାଇଁ ପ୍ରୋତ୍ସାହିତ କରିବା ସହ ରାଷ୍ଟ୍ରୀୟ ସଂହତି ପାଇଁ ଅନ୍ୟାନ୍ୟ ରାଜ୍ୟର ସମାଜସେବୀଙ୍କ ସହ ଯୋଡ଼ିବା ଲକ୍ଷ୍ୟରେ ସଂଗଠନ କାର୍ଯ୍ୟ କରିଆସୁଛି। ଚଳିତବର୍ଷର ଏହି ଆୟୋଜନ ଦକ୍ଷିଣ ଭାରତର ବିଦ୍ୟାନଗରୀ ରୂପେ ପରିଚିତ ବେଙ୍ଗାଲୁରରେ ଗତ ୭ ତାରିଖ ଦିନ ହୋଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଜିଲ୍ଲାଜଜ୍ ମାନ୍ୟବର ପଦ୍ମନାଭୈୟା ସଂଗଠନର ଏହି ମହାନ୍ କାର୍ଯ୍ୟ ପାଇଁ ଭୂରି ଭୂରି ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବରେ ବେଙ୍ଗାଲୁରୁ କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ ଉପ-କୁଳପତି ଡଃ ଶିବାନା ପୁରସ୍କୃତ ବିଭିନ୍ନ ରାଜ୍ୟର ସମାଜସେବୀଙ୍କୁ ନିଜର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ସମାଜର କଲ୍ୟାଣ ନିମନ୍ତେ ସମସ୍ତେ ନିଜ ନିଜ ସ୍ତରରେ ଏଭଳି ପ୍ରଚେଷ୍ଟା କରିବା ପାଇଁ ଆଗ୍ରହ କରିଥିଲେ। ମଞ୍ଚରେ ଉପସ୍ଥିତ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଏସୀୟ ଗ୍ରାମୀଣ ବିଜ୍ଞାନ ସଂସ୍ଥାର ସଂଯୋଜିକା ଶ୍ରୀମତୀ ସନ୍ଧ୍ୟା ପ୍ରଦୀପାନା, ଭାରତ ସଞ୍ଚାର ନିଗମର ଉପଦେଷ୍ଟା ଲକ୍ଷ୍ମୀ ନାରାୟଣ ସ୍ୱାମୀ, ଦିୟାସ ସଂଗଠନର ସାଧାରଣ ସମ୍ପାଦକ ଡଃ ଆଇ.ଏସ୍. ବାସା ପ୍ରମୁଖ ଯୋଗ ଦେଇଥିଲେ। ଏକ ରାଷ୍ଟ୍ରୀୟ ସଂଗଠନ ପକ୍ଷରୁ ଉତ୍କୃଷ୍ଟ ସମାଜସେବା ପାଇଁ ସ୍ୱର୍ଣ୍ଣପଦକ ସମ୍ମାନର ଅଧିକାରୀ ହୋଇ ସମସ୍ତ ପ୍ରବାସୀ ଓଡ଼ିଆଙ୍କୁ ଗର୍ବିତ ହେବାର ସୁଯୋଗ ଦେଇଛନ୍ତି ବୋଲି ନିଜର ମତ ଦେଇଛନ୍ତି ବେଙ୍ଗାଲୁରୁରେ ଅବସ୍ଥାପିତ ପ୍ରବାସୀ ଓଡ଼ିଆ ସାମାଜିକ କର୍ମୀ ବିରଞ୍ଚି ନାରାୟଣ ମିଶ୍ର। ଏଥିନେଇ କେବଳ ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ନୁହେଁ ସମଗ୍ର ଓଡ଼ିଶା ଗୌରବାନ୍ୱିତ ବୋଲି କହିଛନ୍ତି ଅନ୍ୟତମ ଦୁର୍ନୀତିବିରୋଧୀ ସାମାଜିକ କର୍ମୀ ଅମୀର ପ୍ରସାଦ ସାହୁ। ଇଂ ଷଡ଼ଙ୍ଗୀଙ୍କ ଓଡ଼ିଶା ପ୍ରତ୍ୟାବର୍ତ୍ତନ ପରେ ସଂଗଠନ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନାର ଆୟୋଜନ କରାଯିବ ବୋଲି ମଞ୍ଚ ସଭାପତି ଇଂ ନନ୍ଦନନ୍ଦନ ଦାସ ସୂଚନା ଦେଇଛନ୍ତି।

## ମହମ୍ମଦ ହିଦାୟତୁଲ୍ଲା



୧୯୦୫ ମସିହା ଡିସେମ୍ବର ୧୭ରେ ଜନ୍ମଗ୍ରହଣ କରିଥିଲେ ମହମ୍ମଦ ହିଦାୟତୁଲ୍ଲା। ତାଙ୍କ ପିତା ଭାରତର ଜଣେ ଖ୍ୟାତନାମା କବି ଥିଲେ ଯିଏକି ବିଶେଷତଃ ଉର୍ଦ୍ଦୁ ଭାଷାରେ ନିଜ କବିତା ସଙ୍କଳନ କରୁଥିଲେ। ପିତାଙ୍କ କବିତା ପ୍ରତି ହିଦାୟତୁଲ୍ଲାଙ୍କର ପ୍ରବଳ ରୁଚି ଥିଲା। ସେ ଜଣେ ଗୋଲ୍ଡମେଡ଼ାଲିଷ୍ଟ ଭାବେ ଗୌରବ ମଧ୍ୟ ଅର୍ଜନ କରିଥିଲେ। ୧୯୨୭ରୁ ୧୯୩୦ ମଧ୍ୟରେ କ୍ୟାମ୍ବ୍ରିଜ୍ ୟୁନିଭର୍ସିଟିରେ ଓକିଲାତି ପଢ଼ିଥିଲେ। ଓକିଲାତି ଏବଂ ଇଂରାଜୀ ସାହିତ୍ୟରେ ତାଙ୍କର ପ୍ରବଳ ଦକ୍ଷତା ଥିଲା। ୧୯୪୨ରେ ନାଗପୁର ହାଇକୋର୍ଟରେ ସରକାରୀ ଓକିଲ ଭାବେ ତାଙ୍କର ନିଯୁକ୍ତି ହେଲା। ୧୯୪୬ରେ ମଧ୍ୟପ୍ରଦେଶ ହାଇକୋର୍ଟରେ ଅତିରିକ୍ତ ଜଜ୍ ଭାବେ ଅବସ୍ଥାପିତ ହେଲେ। ୧୯୫୪ରେ ନାଗପୁରର ମୁଖ୍ୟ ବିଚାରପତି ଭାବେ ସେ ପଦ ଅଳଙ୍କୃତ କଲେ। ଏହାପରେ ୧୯୫୮ରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପାଇଲେ। ସେତେବେଳେ ସେ ଥିଲେ ସୁପ୍ରିମକୋର୍ଟର ସବୁଠୁ ଯୁବ ମୁଖ୍ୟବିଚାରପତି। ୧୯୬୯ ମସିହା ଜୁଲାଇ ୨୦ରୁ ଅଗଷ୍ଟ ୨୪ ପର୍ଯ୍ୟନ୍ତ ସେ ଭାରତର କାମଚଳା ରାଷ୍ଟ୍ରପତି ଏବଂ ୧୯୭୯ ଅଗଷ୍ଟ ୩୧ରୁ ୧୯୮୪ ଅଗଷ୍ଟ ୩୦ ଯାଏ ଉପରାଷ୍ଟ୍ରପତି ଭାବେ ପଦ ଅଳଙ୍କୃତ କରିଥିଲେ। ହିଦାୟତୁଲ୍ଲା ଅନେକ ପୁସ୍ତକ ରଚନା କରିବା ସହ ଢ଼େର ସମ୍ମାନ ଓ ସ୍ୱୀକୃତି ଲାଭ କରିଥିଲେ। ୧୯୯୨ ମସିହା ୧୮ ସେପ୍ଟେମ୍ବର ଦିନ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ।

**ଶେଖ ଫରିଦ୍‌ଉଦ୍ଦିନ, ମଧୁପୁର, କୁଆଁପାଳ, କଟକ, ଦୂରଭାଷ : ୯୪୩୭୦୦୪୮୮୮**

## ଗଛ ବଂଚିଲେ ଜଳସ୍ତର ବୃଦ୍ଧି ପାଇବ



ଭୁବନେଶ୍ୱର (ପିଏନ୍): ରାଜଧାନୀରେ ଆରମ୍ଭ ହେଲା ସବୁଜ ଉତ୍କଳ ଅଭିଯାନ। ପ୍ରତି ମାସରେ ଚାରା ରୋପଣ ସହ ଏହାର ଯତ୍ନ ନିଆଯିବ। ସବୁଜ ଉତ୍କଳ ସଂଗଠନ ପକ୍ଷରୁ ଭୀମଟାଙ୍ଗିଠାରେ ଏହି ଅଭିଯାନ ଆରମ୍ଭ ହୋଇଛି। ମୁଖ୍ୟ ରାସ୍ତା କଡ଼ରେ ଚାରାରୋପଣ କରାଯିବା ସହ ପରିବେଶ ସଚେତନତା କରାଯାଇଥିଲା। ଗଛ ବଂଚିଲେ ଜଳସ୍ତର ବୃଦ୍ଧି ପାଇବ ବୋଲି ଅତିଥିମାନେ ମତପୋଷଣ କରିଥିଲେ। ସଂଗଠନର ଉପଦେଷ୍ଟା ସମାଜସେବୀ ମାନସ ରଂଜନ ପଟ୍ଟନାୟକ ଓ ଲିଙ୍ଗରାଜ ସାହୁ ଏଥିରେ ସାମିଲ୍ ହୋଇ ବୃକ୍ଷରୋପଣ କରିଥିଲେ। ଏହି ଅବସରରେ ସଂଗଠନର ବିଭିନ୍ନ ପ୍ରାନ୍ତରୁ ୫୦ରୁ ଉର୍ଦ୍ଧ୍ୱ ସଭ୍ୟ ସାମିଲ୍ ହୋଇଥିଲେ।

## ନୈତିକ ମୂଲ୍ୟବୋଧର ବିକାଶ ପାଇଁ ସଂସ୍କୃତ ଭାଷା ଅପରିହାର୍ଯ୍ୟ



ଭୁବନେଶ୍ୱର (ପିଏନ୍): ସଂସ୍କୃତ ଏକ ପ୍ରାଚୀନ ଆଦିଭାଷା ଓ ସର୍ବଭାଷାର ଜନନୀ। ସଂସ୍କୃତ ଓ ସଂସ୍କୃତି ବିନା ସମାଜ ପଙ୍ଗୁ। ନୈତିକ ମୂଲ୍ୟବୋଧର ବିକାଶ ପାଇଁ ସଂସ୍କୃତ ଭାଷା ଅପରିହାର୍ଯ୍ୟ। ସମ୍ପ୍ରତି ସଂସ୍କୃତ ଭାଷାର ଅବକ୍ଷୟ ଯୋଗୁ ଓଡ଼ିଆଭାଷା ମଧ୍ୟ ବିକୃତ ହେଲାଣି। ତେଣୁ ସଂସ୍କୃତ ଭାଷାକୁ ଗୁରୁତ୍ୱ ଦିଆଗଲେ ସେସବୁର ସମାଧାନ ହୋଇପାରିବ ବୋଲି ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ପକ୍ଷରୁ ଜୟଦେବ ଭବନଠାରେ ରାଜ୍ୟସ୍ତରୀୟ ସଂସ୍କୃତ ଦିବସ ମହାସମାରୋହରେ ପାଳିତ ହୋଇଥିଲା। ଏହି ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ, ସଂସ୍କୃତ ଭାଷା ଏକ କଠିନ ଭାଷା। ସଂସ୍କୃତ ଭାଷା ପ୍ରାଚୀନ ହେଲେ ମଧ୍ୟ ବେଶ୍ ବିଜ୍ଞାନସମ୍ମତ। ଏହାକୁ ବିଶ୍ୱଦରବାରରେ ପହଞ୍ଚାଇବା ସକାଶେ ପ୍ରୟାସ କରିବା ଉଚିତ୍। ଗଣଶିକ୍ଷା ମନ୍ତ୍ରୀ କହିଲେ ଯେ, ଗାଁଗହଳିରେ ଥିବା ସଂସ୍କୃତ ଟୋଲ୍‌ଗୁଡ଼ିକର ବିଭିନ୍ନ ସମସ୍ୟା ରହିଛି। ସେସବୁର ସମାଧାନ ନିମନ୍ତେ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ସଂସ୍କୃତ ଶିକ୍ଷକଙ୍କ ସମସ୍ୟାର ସମାଧାନ ପାଇଁ ଏକ କମିଟି ଖୁବ୍ ଶୀଘ୍ର ଗଠନ କରାଯିବ। କମିଟି ମାଧ୍ୟମରେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ସମସ୍ୟାର ସମାଧାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଦେବୀପ୍ରସାଦ ମିଶ୍ର କହିଲେ ଯେ, ସଂସ୍କୃତ ହେଉଛି ମୂଳଭାଷା। ଏହି ଭାଷାଶିକ୍ଷାର ଲୋକପ୍ରିୟ ପ୍ରଚାର ହେବା ଦରକାର। ଏହି ଉତ୍ସବରେ ସାଂସଦ ଡଃ ଭର୍ତ୍ତୃହରି ମହତାବ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ, ସଂସ୍କୃତ ଶିକ୍ଷାର ପ୍ରସାର ପାଇଁ ଓଡ଼ିଶାରେ ଯେଉଁସବୁ କାର୍ଯ୍ୟକ୍ରମ ହେଉଛି ତା'ର ଅନୁଧ୍ୟାନ କରି କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରୀଙ୍କ ସହ ଆଲୋଚନା କରିବି ଓ ଏ ଦିଗରେ ଯଥାସମ୍ଭବ ପଦକ୍ଷେପ ନେବାକୁ ସେ ଉଦ୍ୟମ କରିବେ ବୋଲି କହିଥିଲେ। ବିଶିଷ୍ଟ ପଣ୍ଡିତ ଡଃ ପ୍ରବୋଧ କୁମାର ମିଶ୍ର ଉତ୍ସବରେ ମୁଖ୍ୟବକ୍ତା ଭାବରେ ଯୋଗଦେଇ କହିଲେ ଯେ, ଓଡ଼ିଶାରେ ସଂସ୍କୃତ ଶିକ୍ଷାର ବିକାଶ ଆଶାନୁରୂପ ନୁହେଁ। ସଂସ୍କୃତ ଶିକ୍ଷା ନୀତି ମନ୍ଥର ଗତିରେ ଚାଲୁଛି। ତେଣୁ ଏହାକୁ ଅଧିକ ଗତିଶୀଳ କରିବାକୁ ସରକାର ଉଦ୍ୟମ କରିବା ଦରକାର। ପଣ୍ଡିତ ପ୍ରଫୁଲ୍ଲ କୁମାର ସାହୁ ଉତ୍ସବରେ ଅଧ୍ୟକ୍ଷତା କରି କହିଲେ ଯେ, ସଂସ୍କୃତ ଭାଷାକୁ ପ୍ରଥମ ଶ୍ରେଣୀରୁ ପ୍ରଚଳନ କରିବା, ବିକଳ୍ପ ଭାବେ ଥିବା ସୂଚନା ଓ ପ୍ରଯୁକ୍ତି ବିଦ୍ୟାକୁ ପୃଥକ୍ କରିବା ଏବଂ ହିନ୍ଦୀ ଭାଷାକୁ ଇଂରାଜୀର ବିକଳ୍ପ ଭାବେ ନେଇ ସଂସ୍କୃତକୁ ବାଧ୍ୟତାମୂଳକ ଭାଷା କରିବାକୁ ସେ ସରକାରଙ୍କୁ ଆହ୍ୱାନ ଦେଇଥିଲେ। ପୁରୀ ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟର ପ୍ରଫେସର ମାଧବ ଚନ୍ଦ୍ର ପଣ୍ଡା ସଂସ୍କୃତ ଭାଷାର ସୁରକ୍ଷା ଓ ବିକାଶ ଦିଗରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ଡ. ଗୌତମ ମହାରଣା ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂଘର ସାଧାରଣ ସମ୍ପାଦକ ପଣ୍ଡିତ ନରସିଂହ ଜେନା ବିବରଣୀ ପାଠ କରିବା ସହିତ ସାଂଗଠନିକ ଆଲୋଚନା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଅରବିନ୍ଦ ଦାସଙ୍କ ଲିଖିତ 'ପର୍ବ' କାଞ୍ଚି ନାରାୟଣ ମହାନ୍ତିଙ୍କ 'ଅମୃତମୟ ସୃଷ୍ଟିର ସୁରକ୍ଷା' ଏବଂ 'ସ୍ୱଚ୍ଛତା ହିଁ ଦେବତ୍ୱ' ଗୋପାଳ କୃଷ୍ଣ ପାଢ଼ୀଙ୍କ ଲିଖିତ 'ଗୋପାଳୟନ' ଆଦି ତିନୋଟି ପୁସ୍ତକ ମୁଖ୍ୟ ଅତିଥି ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଦାଶ ଉନ୍ମୋଚନ କରିଥିଲେ। ଶେଷରେ ମାଧବ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ପାଣି ନିଷ୍କାସନର ବ୍ୟବସ୍ଥା ନ ହେଲେ ପୌର ପରିଷଦ ସମ୍ମୁଖରେ ଆମରଣ ଅନଶନ

ଜଳେଶ୍ୱର (ପିଏନ୍): ଜଳେଶ୍ୱର ମ୍ୟୁନିସିପାଲିଟୀର ୱାର୍ଡ ନଂ ୬, ୯, ୧୦ ଦେଉଳି ପଂଚୁଘଣ୍ଟା ଓ ଶାନ୍ତିଆ ଗ୍ରାମରୁ ବର୍ଷାପାଣି ଦୀର୍ଘ ଦିନଧରି ନିଷ୍କାସନ ହୋଇ ନପାରି ଗ୍ରାମର ଚାରିପଟେ ଆବଦ୍ଧ ହୋଇ ରହିଛି। ଏହି ଗ୍ରାମଗୁଡିକରୁ ବର୍ଷାପାଣି ବାହାରିବା ପାଇଁ ଡ୍ରେନେଜର ସୁବନ୍ଦୋବସ୍ତ ନ ଥିବା ତଥା କିଛିଲୋକ ନାଳକୁ ଅବରୋଧ କରି ଘର କରିବା ଦ୍ୱାରା ଗ୍ରାମର ଉଦ୍‌ବୃତ ପାଣି ବାହାରିବାର ବ୍ୟବସ୍ଥା ବନ୍ଦ ହୋଇଯାଇଛି। ଏଥିନେଇ ଗ୍ରାମବାସୀମାନେ ଗତ ୨୧-୮-୧୯ତାରିଖରେ ଜଳେଶ୍ୱର ମ୍ୟୁନିସିପାଲିଟି ସମ୍ମୁଖରେ ଗଣଧାରଣାରେ ବସିଥିଲେ। ସେତେବେଳେ ସାମୟିକ ଭାବେ କିଛି ପାଣି ବାହାର କରିବାର ବ୍ୟବସ୍ଥା କରାଯାଇଥିଲା। ପରବର୍ତ୍ତି ସମୟରେ ସ୍ଥାୟୀ ବ୍ୟବସ୍ଥା କରିବାର ପ୍ରତିଶ୍ରୁତି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେଇଥିଲେ। ମାତ୍ର ଏହା କାର୍ଯ୍ୟକାରୀ ନ ହେବାରୁ ଗତ ୧୦ତାରିଖରେ ଜଳେଶ୍ୱର ବ୍ଲକରେ ହୋଇଥିବା ଜିଲ୍ଲାପାଳଙ୍କ ଜନଶୁଣାଣୀରେ ଗ୍ରାମବାସୀମାନେ ଚିଠି ନଂ ୪୩୪୮ରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ପୌରପରିଷଦର କନିଷ୍ଠ ଯନ୍ତ୍ରୀଙ୍କୁ ପାଣି ନିଷ୍କାସନ ପାଇଁ ତୁରନ୍ତ ପଦକ୍ଷେପ ନେବା ପାଇଁ ତାଗିଦ କରିଥିଲେ। ମାତ୍ର ବର୍ତ୍ତମାନ ସୁଦ୍ଧା କୌଣସୀ ପଦକ୍ଷେପ ନିଆଯାଇ ନାହିଁ। ତେଣୁ ଗ୍ରାମବାସୀମାନେ ଏକ ଲିଖିତ ଅଭିଯୋଗ ୧୩ ତାରିଖ ଶୁକ୍ରବାର ଦିନ ପୌର କାର୍ଯ୍ୟନିର୍ବାହୀ ଅଫିସରଙ୍କୁ ପ୍ରଦାନ କରିଛନ୍ତି। ଆସନ୍ତା ୭ଦିନ ମଧ୍ୟରେ ପାଣି ନିଷ୍କାସନର ବ୍ୟବସ୍ଥା ନ ହେଲେ ଆଗାମୀ ତା୨୦-୯-୧୯ରିଖରେ ପୌରପରିଷଦ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି ଗ୍ରାମବାସୀମାନେ ଲିଖିତ ଭାବରେ ଜଣାଇବା ସଙ୍ଗେ ସଙ୍ଗେ ଜଳେଶ୍ୱର ତହସିଲଦାର, ଜଳେଶ୍ୱର ବିଡିଓ, ଆଇ.ଆଇ.ସି ଜଳେଶ୍ୱର, ଉପଜିଲ୍ଲାପାଳ ବାଲେଶ୍ୱର, ଜିଲ୍ଲାପାଳ ବାଲେଶ୍ୱର, ବିଧାୟକ ଜଳେଶ୍ୱର ଓ ସାଂସଦ ବାଲେଶ୍ୱରଙ୍କୁ ଅବଗତ କରାଇଛନ୍ତି।

## କିନ୍ନରମାନଙ୍କ ପକ୍ଷରୁ ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର (ପିଏନ୍): କେନ୍ଦ୍ର ସରକାର କରିଥିବା ନୂତନ ମୋଟର ଯାନ ଆଇନ୍-୨୦୧୯କୁ ନେଇ ଗାଡ଼ି ଚାଳକମାନଙ୍କୁ ସଚେତନ କରିବାକୁ ଯାଇ ଟିଜି ସୁରକ୍ଷା ଟ୍ରଷ୍ଟ ଓ ନିଖିଳ ଓଡ଼ିଶା କିନ୍ନର ଓ ତୃତୀୟ ଲିଙ୍ଗୀ ମହାସଂଘ ତରଫରୁ ଭୁବନେଶ୍ୱର ଏ.ଜି. ଛକଠାରେ ୧୦୦ରୁ ଅଧିକ କିନ୍ନରମାନେ ଏକାଠି ହୋଇ ଏ.ଜି.ଛକରୁ ରାଜମହଲ, କ୍ୟାପିଟାଲ ହସ୍ପିଟାଲ ରାସ୍ତା, ଗଭର୍ଣ୍ଣର ହାଉସ ରାସ୍ତା ଓ ସଚିବାଳୟ ମାର୍ଗ ଦେଇ ଯାଉଥିବା ପଥଚାରୀମାନଙ୍କୁ ଗାଡ଼ି ଚଳାଇବା ସମୟରେ ହେଲ୍‌ମେଟ ବ୍ୟବହାର କରିବା, ମଦ୍ୟପାନ କରି ଗାଡ଼ି ନଚଳାଇବା, ଗାଡ଼ି ଚଳାଇବା ସମୟରେ ଅନ୍ୟମନସ୍କ ନହେବା, ମୋବାଇଲ୍‌ରେ ନ ଗପିବା, ସିଟ୍ ବେଲ୍‌ଟ ବାନ୍ଧିବା, ଗାଡ଼ି କାଗଜପତ୍ର ଡ୍ରାଇଭିଙ୍ଗ ଲାଇସେନ୍ସ ନିଜ ପାଖରେ ରଖିବା, ଦୁଇରୁ ଅଧିକ ବ୍ୟକ୍ତି ଦୁଇଚକିଆ ଯାନରେ ନଯିବା ଭଳି ବିଭିନ୍ନ ଆଇନ୍ ବିଷୟରେ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଏଥିସହିତ ଛୋଟ ଛୋଟ ପିଲାମାନଙ୍କୁ ଚକୋଲେଟ ଦେଇ ମଧ୍ୟ ସଚେତନ କରାଉଥିବା ସମୟରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ସଚିବାଳୟରେ କାମ ସାରି ଏ.ଜି. ଛକ ଦେଇ ଫେରିବା ସମୟରେ କିନ୍ନରମାନଙ୍କ ଏହି ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମକୁ ଦେଖି ଗାଡ଼ି ଧୀରେଧୀରେ ଚଳାଇ ଏହାକୁ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ କିନ୍ନର ସମାଜସେବୀ ମେନକା କିନ୍ନର ପରିଚାଳନା କରିଥିବା ବେଳେ ମହାସଂଘର ପ୍ରତିଷ୍ଠାତା ସଭାପତି ତଥା ସମାଜସେବୀ ପ୍ରତାପ କୁମାର ସାହୁ, ସୁଇଟି ସାହୁ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ। ଏଥିରେ ଏ.ସି.ପି. ଜୋନ୍-୧ର ବିଷ୍ଣୁ ମୋହନ ପାତ୍ର ଓ ଟ୍ରାଫିକ୍ ଏ.ସି.ପି. କେ.କେ. ପାଣିଗ୍ରାହୀ ଯୋଗ ଦେଇ କିନ୍ନରମାନଙ୍କ ନୂତନ ମୋଟର ଯାନ ଆଇନ୍ ସଚେତନତା କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହିତ ଆଗକୁ ଆହୁରି ଜୋରଦାର ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବବି କିନ୍ନର, ଖୁସି କିନ୍ନର, ସୋନାଲି କିନ୍ନର, ମମତା, ରିୟା, ସାଗରିକା, ସୋନମଙ୍କ ସମେତ ବହୁ ଟ୍ରାଫିକ୍ କନେଷ୍ଟବଳ, ସମାଜସେବୀ, ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ।

## ରାଉରକେଲା ସରକାରୀ ଡାକ୍ତରଖାନା ପ୍ରତି ଅବହେଳା ବିରୁଦ୍ଧରେ ଛାତ୍ର କଂଗ୍ରେସର ବିକ୍ଷୋଭ

ରାଉରକେଲା (ପିଏନ୍): ସୁନ୍ଦରଗଡ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ବାରିକଙ୍କ ଅଧ୍ୟକ୍ଷତାରେ ଏକ ଗଣବିକ୍ଷୋଭ ରାଉରକେଲା ସରକାରୀ ଡାକ୍ତରଖାନା ସମ୍ମୁଖସ୍ଥ ଏସ୍‌ଟିଆଇ ଛକଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଗଣବିକ୍ଷୋଭରେ ପୂର୍ବତନ ବିଧାୟକ ଜର୍ଜ ତିର୍କୀ, ରାଜଗାଙ୍ଗପୁର ବିଧାୟକ ଡ. ରାଜନ ଏକ୍କା, ପୂର୍ବତନ ଜିଲ୍ଲା ସଭାପତି ବିରେନ ସେନାପତି, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଦେବବ୍ରତ ବିହାରୀ, ସନ୍ତୋଷ ବିଶ୍ୱାଳ, ଶଙ୍କର ଅଗ୍ରୱାଲ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଦୀର୍ଘଦିନ ଧରି ରାଉରକେଲା ସରକାରୀ ଡାକ୍ତରଖାନାର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବାରମ୍ବାର ଦାବି ଓ ବିକ୍ଷୋଭ ପ୍ରଦର୍ଶନ କରାଯାଉଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହି ସମସ୍ୟାର କୌଣସି ସମାଧାନ ଦିଗରେ ନବୀନ ପଟ୍ଟନାୟକଙ୍କ ସରକାର ଆଖିଦୃଷ୍ଟିଆ ପଦକ୍ଷେପ ଗ୍ରହଣ କରିନାହାନ୍ତି, ଯାହା ଅତ୍ୟନ୍ତ ଚିନ୍ତାର ବିଷୟ । ବିଶେଷ କରି ଡାକ୍ତରଖାନା ଉପରେ ରାଉରକେଲା, ସୁନ୍ଦରଗଡ ଏବଂ ଝାଡଖଣ୍ଡ ଓ ଛତିଶଗଡର ବହୁ ଗରିବ ଲୋକ ଚିକିତ୍ସା ସେବା ପାଇଁ ନିର୍ଭରଶୀଳ । ମାତ୍ର ସେମାନେ ଆଶାନୁରୂପ ଚିକିତ୍ସା ସେବା ନ ପାଇ ନିରାଶ ହୋଇ ଫେରିଯିବାକୁ ବାଧ୍ୟ ହେଉଛନ୍ତି । ଡାକ୍ତରଖାନାରେ ୭୪ ଡାକ୍ତର ପଦବୀ ପାଇଁ ମଂଜୁର ଥିବାବେଳେ ୩୪ ଜଣ ଡାକ୍ତର ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି । ଡାକ୍ତର ଓ ପାରା ମେଡିକାଲ କର୍ମଚାରୀଙ୍କ ଅଭାବରୁ ରୋଗୀମାନେ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି । ଏଣୁ ତୁରନ୍ତ ଏଠାରେ ସମସ୍ତ ଡାକ୍ତର ପଦବୀ, ପାରା ମେଡିକାଲ କର୍ମଚାରୀ ପଦବୀ ପୂରଣ ପାଇଁ ଛାତ୍ର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । କଂଗ୍ରେସ ନେତୃତ୍ୱାଧିନ ଉପା ସରକାର ସମୟରେ ମଦର ଚାଇଲ୍‌ଡ କେୟାର ହସ୍‌ପିଟାଲ ପାଇଁ ଆସିଥିବା ୧୫ କୋଟି ଟଙ୍କା ବିନିଯୋଗରେ ନିର୍ମିତ ୫ ମହଲା ବିଶିଷ୍ଟ କୋଠା ଆବଶ୍ୟକୀୟ ଡାକ୍ତର ଓ କର୍ମଚାରୀ ଅଭାବରୁ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି । ଗତ ୨୦୦୦ ମସିହା ପୂର୍ବରୁ କଂଗ୍ରେସ ସରକାର ସମୟରେ ଡାକ୍ତରଖାନାର ଶଯ୍ୟା ସଂଖ୍ୟା ୧୨୮କୁ ବୃଦ୍ଧି କରାଯାଇଥିବା ବେଳେ ଗତ ୧୯ ବର୍ଷ ଭିତରେ ବିଜେଡି ସରକାର ଗୋଟିଏ ହେଲେ ଶଯ୍ୟା ବୃଦ୍ଧି କରିନାହାନ୍ତି । ଏହା ଏକ ଜିଲ୍ଲାସ୍ତରୀୟ ମାନ୍ୟତାପ୍ରାପ୍ତ ଡାକ୍ତରଖାନା ହୋଇଥିଲେ ହେଁ ଡାଏଲିସିସ୍, ସିଟି ସ୍କାନ, ଏମ୍‌ଆର୍‌ଆଇ, ଅଲ୍‌ଟା ସାଉଣ୍ଡ ଇତ୍ୟାଦି ସୁବିଧା ଉପଲବ୍ଧ ହେଉନାହିଁ । ସରକାରଙ୍କ ମହାପ୍ରୟାଣ ସେବା ଓ ହସ୍‌ପିଟାଲ ପରିସର ଭିତରେ ବ୍ୟାଟେରୀଚାଳିତ ଆମ୍ବୁଲାନ୍ସ ସେବା ପ୍ରହସନରେ ପରିଣତ ହୋଇଛି । ଡାକ୍ତରଖାନାର ପାଥୋଲୋଜି ପରୀକ୍ଷା, ସଫେଇ, ସୁରକ୍ଷା ଇତ୍ୟାଦିକୁ ଘରୋଇକରଣ କରି ଡାକ୍ତରଖାନାକୁ ଘରୋଇ ସଂସ୍ଥା ହାତରେ ସରକାର ଟେକି ଦେବାର ମସୁଧା କରୁଥିବା ଆଶଙ୍କା ପ୍ରକାଶ ପାଇଛି । ତେବେ ଏହି ପରିପ୍ରେକ୍ଷୀରେ ଡାକ୍ତରଖାନାର ଚତୁର୍ଥ ଶ୍ରେଣୀ ଅସ୍ଥାୟୀ କର୍ମଚାରୀମାନେ ଗତ ତିନିମାସ ହେଲା ଦରମା ନ ପାଇ ସେମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆନ୍ଦୋଳନ କରୁଥିବା ବେଳେ ସ୍ଥାନୀୟ ବିଧାୟକ ସାରଦା ପ୍ରସାଦ ନାୟକ ଡାକ୍ତରଖାନା ତଥା କର୍ମଚାରୀମାନଙ୍କ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ସେମାନଙ୍କୁ ଗାଳିଗୁଲଜ କରି ଅନ୍ୟତ୍ର ବଦଳି କରିବା ଏବଂ ଡ୍ରେସିଂ ରୁମ୍‌ରେ ଅନଧିକାର ଭାବେ ପ୍ରବେଶ କରି ରୋଗୀଙ୍କ ଡ୍ରେସିଂ କରି ଦାଦାଗିରି ଦେଖାଇବା ଘଟଣାକୁ ଛାତ୍ର କଂଗ୍ରେସ ଦୃଢ ନିନ୍ଦା କରିଛି । ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ କଂଗ୍ରେସ ଦୃଷ୍ଟି ଆକର୍ଷଣ କରିଥବା ବେଳେ କୌଣସି ପଦକ୍ଷେପ ନିଆନଯିବା ବିଡମ୍ବନାର ବିଷୟ ବୋଲି ଏହି ଅବସରରେ ଅନୁଷ୍ଠିତ ପ୍ରତିବାଦ ବିକ୍ଷୋଭ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ କହିଛନ୍ତି । ତେବେ ହସ୍‌ପିଟାଲର ବିଭିନ୍ନ ସମସ୍ୟାଗୁଡିକ ତୁରନ୍ତ ସମାଧାନ କରାନଗଲେ ନିୟମିତ ବ୍ୟବଧାନରେ କଂଗ୍ରେସ ଆନ୍ଦୋଳନ ଜାରି ରଖିବ ବୋଲି ନେତୃବୃନ୍ଦ ତାଙ୍କ ବକ୍ତବ୍ୟରେ ଚେତାଇ ଦେଇଛନ୍ତି । ହସ୍‌ପିଟାଲ ପ୍ରତି ଚରମ ଅବହେଳା ପାଇଁ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ସ୍ଥାନୀୟ ବିଧାୟକ ଶ୍ରୀ ନାୟକଙ୍କୁ ଦାୟୀ କରାଯାଇ ଏହି ଅବସରରେ ସେମାନଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବୀରମିତ୍ରପୁରର ଯୁବନେତା ରୋହିତ ଯୋଶେଫ ତିର୍କୀ, ପିସିସି ସଭ୍ୟା ପ୍ରଭାତୀ ମିଶ୍ର, ମହିଳା କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଳିୟାର ସିଂ, ବରିଷ୍ଠ ନେତା ଚିତ୍ତରଂଜନ ମହାନ୍ତି, ସେବାଦଳ ସଙ୍ଗଠକ ବିନୋଦ ରାଉତ, ପିସିସି ସଭ୍ୟା ଜ୍ୟୋତି ଡୁଙ୍ଗଡୁଙ୍ଗ, ପ୍ରଫୁଲ୍ଲ ପ୍ରଧାନ, ଜିଲ୍ଲା କଂଗ୍ରେସ ଉପସଭାପତି କୀର୍ତ୍ତନ ଦାସ, ବରିଷ୍ଠ ନେତା ଇକବାଲ ମଲ୍ଲିକ, ପ୍ରମୋଦ ପ୍ରଧାନ, କୈଳାସ ସାହୁ, ଜ୍ଞାନେନ୍ଦ୍ର ଦାସ, ବିନୋଦ ତନ୍ତୀ, ସରୋଜ ଜେନା, ସୁଧୀର ନାଥ, ବିଜୟ ଆପଟ୍ଟ, ଅନୁପ ସାହୁ, ରତିକାନ୍ତ ମଲ୍ଲିକ, ବିଜୟ ସାହୁ, ଡେଭିଡ ପ୍ରଧାନ, ଶରତ ବେହେରା, କାର୍ତ୍ତିକ ବେଉରିଆ, ଜିତେନ୍ଦ୍ର ଦାସ, ସମେନ୍ଦ୍ର ମାହାତୋ, ସାହିର ହୁସେନ, ଅସଲାମ ପରଭେଜ, ଏମ୍‌ଡି ମୀରାଜ, ଦିଲ୍ଲୀପ ଲାହିରି, ନାରାୟଣ ମହାନ୍ତି, ବିପିନ ଠାକୁର, ବିଶ୍ୱଜିତ ସାହୁ, ଶ୍ୟାମ ସାଗର, ମହିଳା ନେତ୍ରୀ ଶୋଭା ସିଂ, ଅମ୍ବିକା ଟପ୍ପୋ, ଲକ୍ଷ୍ମୀପ୍ରିୟା ରାଉତ, ରିତା ମଲ୍ଲିକ, ବନଲତା ବେହେରା, ଗୀତା ସାହୁ, ବ୍ରିନ୍ଦା ପ୍ରସାଦ, ଯୁବନେତା ସୁଦର୍ଶନ ଗୌଡ, ଶୁକଦେବ ବଡାଇକ, ଦେବାଶିଷ ଖଟୋଇ, ସଂଜୟ ବେହେରା, ବାବୁ ବିଶ୍ୱାଳ, ବିକାଶ ବଡାଇକ, ମଧୁସୂଦନ ଭୋଇନା, ସାକିର ହୁସେନ, ଛାତ୍ରନେତା ସଦାବ ଅହମ୍ମଦ, ବିକି ପ୍ରସାଦ, ସନ୍ଦୀପ ନାଗ, ରଣଜିତ ନାୟକ, ଟିଙ୍କୁ ସାହୁ, ଦୀପକ ବଡାଇକ, ଅକୁଲ ପାତ୍ର, ସରୋଜ କେର୍କେଟା ପ୍ରମୁଖଙ୍କ ସମେତ ଶତାଧିକ କର୍ମକର୍ତ୍ତା ବିକ୍ଷୋଭରେ ଅଂଶଗ୍ରହଣ କରିଥିଲେ।


# DISPLAY CLASSIFIED

**FOR ADVERTISEMENT CONTACT**
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

**TARIFF:** 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**DKB'S CONCEPTUAL CHEMISTRY**
Behind SC/ST Hostel College Campus, Bhadrak, Cell : 9337612220
*A complete Chemistry point for funding fundamentals.*
Contact for Coaching in +2 Science, CBSE, OJEE (E&M), AIPMT & AIEEE

**ADMISSION ON**
**MPS PLAY HOME**
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Mahaditya Publication

Gyandeep
THE CRECHE

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication






ସ୍ଲୋଭେନିଆରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଉଛି

# ସୌରଚାଳିତ ସ୍ପ୍ରେ ମେସିନ ଉଦ୍ଭାବନ କରି ଚର୍ଚ୍ଚାରେ ତତସତ

ଭଦ୍ରକ, (ପିଏନ)- ନିଜ ପିତାଙ୍କ ସହ ବିରି ଫସଲରେ ବିଷ ପ୍ରୟୋଗ ପାଇଁ ବଜାରରେ ମିଳୁଥିବା ସ୍ପ୍ରେୟର ମେସିନ୍ ନେଇ ବିଷ ପକାଇବା ପରେ ବୈଷୟିକ ଛାତ୍ର ତତ୍‌ସତ୍ ଯେଉଁ କଷ୍ଟ ଅନୁଭବ କଲେ, ତାହା ତାଙ୍କ ପିତାଙ୍କୁ ଯେ ବର୍ଷବର୍ଷ ଧରି ଦେଇଆସୁଥିବ, ସେ କଥା ଚିନ୍ତାକରି ନିର୍ମାଣ କରିଛନ୍ତି ସୋଲାର ସ୍ପ୍ରେୟର। ଯାହା ଚାଷୀମାନଙ୍କୁ ଚାଷ କାମରେ ସହାୟକ ହେବା ପାଇଁ ଏବେ ଏକ ସରଳ ମାଧ୍ୟମ ପାଲଟିବ। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍ ସାନଶାସନ ପଂଚାୟତ ବାହାଦୁଲନଗର ଗ୍ରାମର ଯୁବ ଇଂଜିନୟର ତତ୍‌ସତ୍ ସ୍ୱାଇଁ। ତତ୍‌ସତ୍ ବିଷ ପକାଇବା ପାଇଁ ଏହି ସ୍ପ୍ରେ ମେସିନଟି ନିର୍ମାଣ କରିଥିବାରୁ ପରିବାର ସଦସ୍ୟଙ୍କ ଠାରୁ ଆରମ୍ଭ କରି ଗ୍ରାମବାସୀମାନେ ଖୁସି ଅନୁଭବ କରିଛନ୍ତି। ବାହାଦୁଲ ନଗର ଗ୍ରାମର ବିଶ୍ୱନାଥ ସ୍ୱାଇଁ ଓ ପ୍ରମିଳା ସ୍ୱାଇଁଙ୍କ ପୁଅ ତତ୍‌ସତ୍(୧୯) ଏବେ ବାଲେଶ୍ୱର ସ୍ଥିତ ସତ୍ୟସାଇ ଇଂଜିନିୟରିଂ କଲେଜର ଇଲେକ୍ଟ୍ରିକାଲ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର। ସବୁପ୍ରକାର କାମ ପାଇଁ ସ୍ପ୍ରେ ମେସିନ୍‌ର ଆବଶ୍ୟକତା ରହିଛି। ପୋକ ଦମନ ଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟରେ ବ୍ୟବହୃତ ହୋଇଥାଏ। ଚାଷକାମରେ ସ୍ପ୍ରେ ମେସିନ୍‌ର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ। ଚାଷୀମାନେ ବହୁକଷ୍ଟରେ ଚାଷଜମିରେ ଚାଷ ବିଷ ପକାଉଥିବା ଦେଖି ସେ ଏହି ସୌରଚାଳିତ ସ୍ପ୍ରେ ମେସିନ୍ ନିର୍ମାଣ କରିବାକୁ ମନସ୍ଥ କରିଥିଲେ। ନିଜର ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରି ଏଥିରେ ସେ ଗୋଟିଏ ସୋଲାର ପେନାଲ, ୧୨ ଭୋଲ୍ଟର ଏକ ବ୍ୟାଟେରୀ, ୧୨ ଭୋଲ୍ଟର ଏକ ମୋଟର ପମ୍ପ, ଦୁଇଟି ସରୁ ପାଇପ୍ ଓ ମେସିନ୍ ଅଫ୍ ଅନ୍ କରିବା ପାଇଁ ଗୋଟିଏ ସୁଇଚ୍ ବ୍ୟବହାର କରିଛନ୍ତି। ଏହି ସ୍ପ୍ରେ ମେସିନ୍‌ଟିକୁ ମଧ୍ୟ ଇଲେକ୍ଟ୍ରିକ୍ ସାହାଯ୍ୟରେ ଚାର୍ଜ କରିବା ପାଇଁ ମଧ୍ୟ ବ୍ୟବସ୍ଥା ରହିଛି। ସେହିପରି ଚାଷ ଜମିରେ ବିଷ ପକାଇବା ପାଇଁ ବ୍ୟବହାର ସହିତ ଏଥିରେ ବଲ୍ ଓ ଛୋଟ ଫ୍ୟାନ୍ ମଧ୍ୟ ଚାଳିପାରିବ ବୋଲି ସେ କହିଛନ୍ତି। ଏଥିପାଇଁ ତାଙ୍କୁ ୮ଦିନ ସମୟ ଲାଗିଥିଲା। ଏହି ସ୍ପ୍ରେୟର ଯୋଗେ ବୁନ୍ଦା ଜଳସେଚନ ସହ ନୋଜେଲ ପରିବର୍ତ୍ତନ କରି ଉଚ୍ଚଗଛରେ ମଧ୍ୟ ବିଷ ପ୍ରୟୋଗ, ଜଳସିଂଚନ ଭଳି କାର୍ଯ୍ୟ କରାଯାଇପାରିବ। ସ୍ପ୍ରେ ମେସିନ୍ ଠାରୁ ସୌର ପ୍ଲେଟ୍‌ଟି ଉଚ୍ଚରେ ଥିବାରୁ ଏହା ଚାଷୀ ମୁଣ୍ଡକୁ ଖରା ଦାଉରୁ ମଧ୍ୟ ରକ୍ଷା କରିବ। ହାତରେ ବ୍ୟବହାର କରାଯାଉଥିବା ମେସିନ୍ ଯୋଗୁଁ ଏହାକୁ ବ୍ୟବହାର ସମୟରେ ଚାଷୀମାନଙ୍କ ହାତରେ ଯେଉଁ ଚାପ ପଡିଥାଏ, ସେଥିରୁ ଏହା ବ୍ୟବହାର ଦ୍ୱାରା ଚାଷୀମାନେ ନିସ୍ତାର ପାଇପାରିବେ। ତତ୍‌ସତ୍‌ଙ୍କ ଏହି ସୌରଚାଳିତ ସ୍ପ୍ରେ ମେସିନ୍ ଗାଁର ଚାଷୀମାନେ ଦେଖିବା ପରେ ପ୍ରଶଂସା କରିବା ସହ ଏହାର ବ୍ୟବହାରକୁ ଅନୁଭବ କରିଛନ୍ତି। ଏହି ଯନ୍ତ୍ରଟି ନିର୍ମାଣ କରିବା ପାଇଁ ମେସିନ୍ ଡ୍ରମ୍‌କୁ ଛାଡି ସାଢେ ତିନି ହଜାର ଟଙ୍କା ଖର୍ଚ୍ଚ କରିଥିବା କହିଛନ୍ତି। ଏହାର ପ୍ରସାର ପାଇଁ କୃଷି ବିଭାଗ ପଦକ୍ଷେପ ନେଲେ ଚାଷୀମାନେ ଉପକୃତ ହୋଇପାରନ୍ତେ ବୋଲି ତତ୍‌ସତ୍ ଆଶା ପ୍ରକାଶ କରିଛନ୍ତି। ଏହାଛଡା ଆଗକୁ ଧାନ କଲେଇ କାଟିବା ପାଇଁ ଏକ ଧାନକଟା ଯନ୍ତ୍ର ନିର୍ମାଣ କରିବାକୁ ସେ ଲକ୍ଷ୍ୟ ରଖିଥିବା କହିଛନ୍ତି।

# ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ମୁକ୍ତ ବିଭାଗ ଜାତୀୟ ସେବା ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା

ବାରିପଦା,(ପିଏନ)- କେନ୍ଦ୍ର ସରକାରଙ୍କ ସଂଶୋଧିତ ନୂତନ ମୋଟରଯାନ ଅଧିନିୟମ -୨୦୧୯ ସେପ୍ଟେମ୍ବର ପହିଲାରୁ ଭାରତ ସହ ଓଡ଼ିଶାରେ କଡ଼ାକଡ଼ି ଭାବେ ଲାଗୁ କରାଯିବା ପରେ ଏହାକୁ କେନ୍ଦ୍ର କରି ରାଜ୍ୟରେ ଜନ ଅସନ୍ତୋଷ ତୀବ୍ର ରୂପ ଧାରଣ କରିଛି । ରାଜଧାନୀ ଭୂବନେଶ୍ୱରସ୍ଥିତ ରାଜମହଲ ଛକରେ ପୁଲିସ ଓ ଜନତାଙ୍କ ମଧ୍ୟରେ ଆରମ୍ଭ ହୋଇଥିଲା ଖଣ୍ଡଯୁଦ୍ଧ। ଫଳରେ ରାଜ୍ୟ ସରକାର କୋହଳ ମନୋଭାବ ପୋଷଣ ପୂର୍ବକ ଜନସାଧାରଣଙ୍କୁ ନିଜ ନିଜ ଯାନଗୁଡ଼ିକର କାଗଜ ପତ୍ର ପ୍ରସ୍ତୁତ କରାଇବା ନିମନ୍ତେ ୩ ମାସ ସମୟ ଦେଇଥିଲେ। ଏଥି ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଂଶୋଧିତ ନୂତନ ମୋଟରଯାନ ଅଧିନିୟମ -୨୦୧୯କୁ ନେଇ ଜନ ସଚେତନତା ସୃଷ୍ଟି କରାଇବାକୁ ସମସ୍ତ ଜିଲ୍ଲାପ୍ରଶାସନକୁ ନିର୍ଦ୍ଦେଶ ଦେଇବା ପରେ ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦା ପୌରପରିଷଦରେ ଆଜି ଆରମ୍ଭ ହୋଇଥିଲା ଜନସଚେତନତା କାର୍ଯ୍ୟକ୍ରମ। ସଡ଼କ ସୁରକ୍ଷା ଜୀବନ ରକ୍ଷା ବାର୍ତା ନେଇ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ମୁକ୍ତ ବିଭାଗ ଜାତୀୟ ସେବା ଯୋଜନା ଓ ମୟୂରଭଞ୍ଜ ପୁଲିସର ମିଳିତ ଆୟୋଜନରେ ଏକ ଟ୍ରାଫିକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଏହି ସମୟରେ ରାସ୍ତାରେ ସିଟ ବେଲଟ ଲଗାଇ ନଥିବା କାର ଆଦି ଯାନକୁ ଅଟକାଇ ଗାଡ଼ିର ଚାଳକ ଓ ଯାତ୍ରୀମାନଙ୍କୁ ଗୋଲାପ ଫୁଲ ଓ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଡ଼ ଦେଇ ସିଟ ବେଲଟ ଲଗାଇବା ଉପରେ ସଚେତନ କରାଇବା ନିମନ୍ତେ ଉଦ୍ୟମ କରିଥିଲେ । ସେହିପରି ଦୃତ ଗତିରେ, ବିନା ହେଲମେଟରେ, ବାଇକରେ ଦୁଇରୁ ଅଧିକ ବସିଥିଲେ, ଗାଡ଼ି ଚଳାଉଥିବା ସମୟରେ ମୋବାଇଲରେ କଥା ହେଉଥିଲେ, ରଙ୍ଗ ରୁଟରେ ଗାଡ଼ି ଚଳାଉଥିଲେ ଓ ମଦ ଆଦି ନିଶା ଦ୍ରବ୍ୟ ସେବନ କରି ନିଶା ଶକ୍ତ ଅବସ୍ଥାରେ ଗାଡ଼ି ଚଳାଉଥିବା ଗାଡ଼ି ଚାଳକମାନଙ୍କୁ ମଧ୍ୟ ଅଟକାଇ ଏହାର କୁପରିଣାମ ସମ୍ପର୍କରେ ଅବଗତ କରାଇବା ସଂଗେ ସଂଗେ ଏଥିରୁ ନିବୃତ୍ତ ରହିବା ନିମନ୍ତେ ଗୋଲାପ ଫୁଲ ଓ ସଚେତନତା କାର୍ଡ଼ ଆଦି ଧରାଇ ସଚେତନର ବାର୍ତା ବାଂଟିଥିଲେ ।

ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ ମୁକ୍ତ ବିଭାଗ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ସ୍ମୃତି ରଞ୍ଜନ ଦାସଙ୍କ ନେତୃତ୍ୱ ଓ ଜାତୀୟ ସେବା ଯୋଜନା କୋ-ଅର୍ଡ଼ିନେଟର ଉଷା ଶତପଥୀଙ୍କ ସହଯୋଗରେ ଆନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ମୟୂରଭଞ୍ଜ ଆରକ୍ଷୀ ଅଧିକ୍ଷକ ପରମାର ସ୍ମିଥ ପରଶୋତମ ଦାସ ଓ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଦୀପ ଚାନ୍ଦ ପତାକା ହଲାଇ ଶୁଭାରମ୍ଭ କରିଥିବା ବେଳେ ଏଡ଼ିସନାଲ ଏସପି ଅଭିମନ୍ୟୁ ନାୟକ, ଏସଡ଼ିପିଓ ପେ କେ ପଟ୍ଟନାୟକ, ବାରିପଦା ଟାଉନ ଥାନା ଅଧିକାରୀ ଅଶୋକ ନାୟକ , ଏସଆଇ ରାଜେନ୍ଦ୍ର କୁମାର ଦାସ ପ୍ରମୁଖଙ୍କ ସମେତ ପୁଲିସ କର୍ମଚାରୀ ଏବଂ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରଫେସର ଦିଲ୍ଲିପ ମିଶ୍ର ଓ ସମୀର ଲେଙ୍କାଙ୍କ ସମେତ ସ୍ୱେଚ୍ଛାସେବୀ ସୁନୀଲ ନାୟକ, ଦୁର୍ଯ୍ୟୋଧନ ବେହେରା, ଶଙ୍କର୍ଷଣ ପଣ୍ଡା, ବିଶ୍ୱଜିତ୍ ଭୂୟାଁ, ଚିତେଶ୍ୱର ବେହେରା, ମନିଷ ଗିରି, ଆକାଶ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।

# ମନ୍ଦିର ଚୋରି ଘଟଣାରେ ୩ କୋର୍ଟ ଚାଲାଣ

ଭଦ୍ରକ, (ପିଏନ)- ହାଇ ସିକ୍ୟୁରିଟି ଜୋନ୍ ଭାବେ ପରିଗଣିତ ଉଦ୍ରକ ପୌରାଂଚଳ ଗବସାହି ତାରିଣୀ ମନ୍ଦିର ଚୋରି ଘଟଣାରେ ସହରାଂଚଳ ପୁଲିସ୍ ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଗିରଫ ଯୁବକମାନେ ହେଲେ ଚାରିଘରିଆ ଗ୍ରାମର ନନ୍ଦୁ ମୁଣ୍ଡା, କେନ୍ଦୁଝର ଜିଲା ଗୋପୀନାଥପୁର ଗାଁର ଜଗନ୍ନାଥ ମାଝୀ ଓ ଗବସାହି ଗ୍ରାମର ବାପୁନ ସିଂ। ଏହି ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ଅନ୍ୟ ଜଣେ ନାବାଳକଙ୍କୁ ବ୍ରହ୍ମପୁର ଜୁଭେନାଇଲ୍ ଜଷ୍ଟିସ୍ ହୋମ୍‌କୁ ପଠାଯାଇଛି। ସୂଚନା ଅନୁଯାୟୀ ଗତ ୧୦ ତାରିଖ ରାତିରେ ଗବସାହିସ୍ଥିତ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ବାସଭବନ ପଛପଟେ ଥିବା ତାରିଣୀ ମନ୍ଦିରର ତାଲା ଭାଙ୍ଗି ଦୃର୍ବୃତମାନେ ମା'ଙ୍କ ସମସ୍ତ ସୁନା ଓ ରୂପା ଅଳଙ୍କାର ସମେତ ହୁଣ୍ଡି ବାକ୍ସ ଓ ବହୁ ପୂଜା ସାମଗ୍ରୀ ନେଇ ପଳାଇଥିଲେ। ଏହି ଘଟଣାକୁ ଗୁରୁତର ସହ ନେଇ ସହରାଂଚଳ ପୁଲିସ୍ ତଦନ୍ତ ଆରମ୍ଭ କରିବା ସହ ୩ ଜଣ ନାବାଳକଙ୍କୁ ଆଣି ପଚରାଉଚୁରା କରିଥିଲା। ସେମାନଙ୍କ ସୂଚନା ଆଧାରରେ ଉପରୋକ୍ତ ୩ ଯୁବକଙ୍କୁ ଅଟକ ରଖି ପଚରା ଉଚୁରା ଜାରି ରଖିବା ସହ ଚୋରି ସାମଗ୍ରୀ ଉଦ୍ଧାର ପାଇଁ ଦୀର୍ଘ ୪ଦିନ ଉଦ୍ୟମ କରିଥିଲେ। କିନ୍ତୁ ଏକ ରୂପା ହାର ବ୍ୟତୀତ ପୁଲିସ୍ ଆଉ କୌଣସି ସାମଗ୍ରୀ ଉଦ୍ଧାର କରିପାରିନଥିଲା। ଶେଷରେ ପୁଲିସ୍ ଏହି ୩ ଯୁବକଙ୍କୁ କେଶ୍ ନମ୍ବର ୨୬୮/୧୯ ମୂଳେ କୋର୍ଟ ଚାଲାଣ କରିଛି। ତେବେ ଗତ ଏକମାସ ମଧ୍ୟରେ ପ୍ରାୟ ୧୫ ମନ୍ଦିରରୁ ଚୋରି ହୋଇଥିବା ବେଳେ, ଗିରଫ ଅଭିଯୁକ୍ତମାନଙ୍କ ଏଥିରେ ସଂପୃକ୍ତି ଅଛି କି ନାହିଁ ସେ ବିଷୟରେ ପୁଲିସ୍ କିଛି ସ୍ପଷ୍ଟ କରିନାହିଁ। ଅପରପକ୍ଷରେ ବିଭିନ୍ନ ମନ୍ଦିର ଚୋରି ପଛରେ ଏକ ର୍ୟାକେଟ୍ କାର୍ଯ୍ୟ କରୁଛି। ୧୦ ରୁ ଉର୍ଦ୍ଧ୍ୱ ଏଥିରେ ସଂପୃକ୍ତ ଥିବା ପୁଲିସ୍ ଅନୁମାନ କରିଛି।

# ଅପହୃତା ନାବାଳିକା ବାଙ୍ଗାଲୋରରୁ ଉଦ୍ଧାର, ଅପହରଣକାରୀ ଗିରଫ

ଭଦ୍ରକ, (ପିଏନ)- ଭଦ୍ରକ ଜିଲା ତିହିଡ଼ି ଥାନା ଭାଟପଡ଼ା ପଂଚାୟତ ଅଧୀନ ତିହିଡ଼ି ପୁରୁଣାହାଟରୁ ଅପହୃତ ହୋଇଥିବା ଜଣେ ନାବାଳିକାକୁ ସୋମବାର ତିହିଡ଼ି ପୋଲିସ ବାଙ୍ଗାଲୋରର ସୁଦାମ ନଗର ଅଂଚଳରୁ ଉଦ୍ଧାର କରିଛି। ଏଥିସହ ପୋଲିସ ଅପହରଣକାରୀ ଯୁବକ ତିହିଡ଼ି ଥାନା ମୁକୁନ୍ଦପୁର ପଂଚାୟତ ଅଧୀନ ଗୁଡୁପାଳ ଗ୍ରାମର ପ୍ରକାଶ ମହାଳିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ନାବାଳିକା ବାପାଙ୍କ ଟେଂଟ ହାଉସରେ ପ୍ରକାଶ କର୍ମଚାରୀ ଭାବେ କାମ କରୁଥିଲେ। ଗତ ଜୁଲାଇ ମାସ ୨୮ ତାରିଖରେ ପ୍ରକାଶ ନାବାଳିକାକୁ ଅପହରଣ କରି ନେଇଥିଲେ। ନାବାଳିକା ଅପହୃତ ହୋଇଥିବା ତାଙ୍କ ବାପା ଜାଣିବା ପରେ ତିହିଡ଼ି ଥାନାରେ ଏ ସମ୍ପର୍କରେ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାରେ ୩୩୪/୧୯ ଏକ ମକଦ୍ଦମା ରୁଜୁକରି ଅପହରଣକାରୀକୁ ଗିରଫ କରିବାକୁ ଉଦ୍ୟମ ଚଳାଇଥିଲେ।

# ପର ଘର ତିଅଣରେ ଚାଲିଛି ଅତିଥୀ ସତ୍କାର: ବିଜେପି

ଭୁବନେଶ୍ୱର, (ପିଏନ)- ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଯୋଜନାକୁ ନିଜ ନାଁରେ କରି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇ ଚାଲିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟସରକାର 'ବିଜୁ ପକ୍କା ଘର' ଲୋଗ ଓ 'ପକ୍କା ଘର' ନାଁ ଦେଇ ରାଜ୍ୟ ବାସୀଙ୍କୁ ଭ୍ରମିତ କରୁଛନ୍ତି । ମୁଖ୍ୟମନ୍ତ୍ରୀ କେବଳ କେନ୍ଦ୍ରୀୟ ଯୋଜନାକୁ ହଡପ କରି ନାଁ ବଦଲାଇ ବାହା ବାହା ନେବାକୁ ବସିଛନ୍ତି ବୋଲି ରାଜ୍ୟ ବିଜେପି ସଂପାଦିକା ଡ. ଲେଖାଶ୍ରୀ ସାମନ୍ତ ସିଂହାର ଅଭିଯୋଗ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡ. ସାମନ୍ତ ସିଂହାର କହିଛନ୍ତି ଯେ, ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ଗ୍ରାମାଚଂଳରେ ୪ ଲକ୍ଷ ପକ୍କା ଘର ନିର୍ମାଣର ଶୁଭ ଦେବେ ବୋଲି ବିଭିନ୍ନ ଗଣମାଧ୍ୟରେ ପ୍ରକାଶ କରିଛନ୍ତି । ସଂଘୀୟ ବ୍ୟବସ୍ଥାକୁ ଭୃକ୍ଷେପ ନକରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ପକ୍କା ଘର କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏହି ସମସ୍ତ ପକ୍କା ଘର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମାଣ ହେବ । ଚଳିତ ବଜେଟରେ ବିଜୁ ପକ୍କାଘର ଯୋଜନାରେ ଟଙ୍କା ଟିଏ ଅର୍ଥ ବରାଦ ନାହିଁ । ରାଜ୍ୟରେ ଗରୀବ ଲୋକଙ୍କୁ ମିଳୁଥିବା ସମସ୍ତ ପକ୍କାଘର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମାଣ ହେଉଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ପ୍ରଧାନମନ୍ତ୍ରୀ ଶବ୍ଦଟିକୁ ବାଦ ଦେଇ ସାଧାରଣ ଲୋକମାନଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରୁଛନ୍ତି । ବିଜ୍ଞପ୍ତିରେ କେବଳ ପକ୍କା ଘର କହି ଲୋକମାନଙ୍କୁ ରାଜ୍ୟସରକାରଙ୍କ ଯୋଜନା ବୋଲି କହି ଭ୍ରମିତ କରିବା ରାଜ୍ୟସରକାରଙ୍କ ପୁରୁଣା ରୋଗ । ୧୧ ସେପ୍ଟେମ୍ବର ୨୦୧୮ ରେ ବିଧାନସଭା ପ୍ରଶ୍ନର ଉତରରେ ରାଜ୍ୟସରକାର କହିଥିଲେ କି, ରାଜ୍ୟର ସମୁଦାୟ ୨୦ ଲକ୍ଷ ପକ୍କାଘର ରୁ ୩ ଲକ୍ଷ ୭୭ ହଜାର ହେଉଛି ବିଜୁ ପକ୍କା ଘର ଆଉ ବାକି ୧୬ ଲକ୍ଷ ୨୩ ହଜାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମାଣ ହୋଇଛି । ୨୦ ଲକ୍ଷ ପକ୍କାଘରରୁ ୨୦୧୭-୨୦ ପର୍ଯ୍ୟନ୍ତ ରାଜ୍ୟସରକାର ଟଙ୍କାଟିଏ ବ୍ୟୟବରାଦ କରିନଥିବାବେଳେ କେନ୍ଦ୍ରସରକାର ୨୦୧୭-୧୮ରେ ୩ ହଜାର ୧୦୦ କୋଟି, ୨୦୧୮-୧୯ରେ ୩ହଜାର ୬୦୦ କୋଟି, ୨୦୧୯-୨୦ରେ ୪ ହଜାର ୮୨୦ କୋଟି ଟଙ୍କା ଅନୁଦାନ ଦେଇଛନ୍ତି ବୋଲି ଡ.ସାମନ୍ତସିଂହାର କହିଛନ୍ତି ।୨୦୧୪ ନିର୍ବାଚନ ଇସ୍ତାହାରରେ ବିଜେଡି ସମସ୍ତଙ୍କୁ ପକ୍କା ଘର ପ୍ରତିଶୃତି ଦେଇଥିଲା କିନ୍ତୁ ଆଜି ବି ରାଜ୍ୟରେ ୩୦ଲକ୍ଷ ଲୋକଙ୍କ ପାଖରେ ପକ୍କା ଘର ନାହିଁ। ସେହିପରି ଅନ୍ୟ ଏକ ବିଜ୍ଞାପନରେ 'ରୁରାଲ ହାଉସିଂଙ୍ଗ ଫର ଅଲ' ରେ ରାଜ୍ୟ ସରକାରଙ୍କ ଲୋଗୋ ଏବଂ ମୁଖ୍ୟମନ୍ତ୍ରୀଙ୍କ ଫଟୋ ରହିଛି । କେନ୍ଦ୍ର ସରକାରଙ୍କ ପଇସାରେ ନିଜ ଲୋଗୋ ଲଗାଇ ରାଜ୍ୟ ସରକାର ହୀନ ରାଜନୀତି କରୁଛନ୍ତି । ଏହା ପୂର୍ବରୁ କେନ୍ଦ୍ର ସରକାରଙ୍କ ୧୦୮ ଆମ୍ବୁଲାନ୍ସ ଯୋଜନାକୁ ହାଇଜାକ୍ କରି ରାଜ୍ୟସରକାର ନିଜ ନାଁ ଦେଇ ରାଜ୍ୟସରକାରଙ୍କ 'ଲୋଗୋ'ଲଗାଇ ନିଜର ଆତ୍ମ ପ୍ରଚାର କରିଥିଲେ । କେନ୍ଦ୍ରସରକାରଙ୍କ ସୁକନ୍ୟା ସମୃଦ୍ଧି ଯୋଜନାକୁ ନାଁ ଓ ଲୋଗୋ ବଦଳାଇ ରାଜ୍ୟସରକାର 'ସୁକନ୍ୟା ସମୃଦ୍ଧି ଯୋଜନା- ଝିଅ ପାଇଁ ଚିଠି ଟିଏ' କରି ବିଭିନ୍ନ ଗଣମାଧରେ ବିଜ୍ଞାପନ ପ୍ରକାଶ କରିଥିଲେ । ସେହିପରି ଗରୀବ ହିତାଧିକାରୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ଟଙ୍କିକିଆ ଚାଉଳକୁ ନିଜ ନାଁରେ ନାମିତ କରିବାର ଅପଚେଷ୍ଟା ବି ରାଜ୍ୟ ସରକାର କରିଆସିଛନ୍ତି । ରାଜ୍ୟସରକାର ପର ଘର ତିଅଣରେ ଅତିଥୀ ସତ୍କାର କରୁଛନ୍ତି । ହୀନ ରାଜନୀତିରୁ ନିବୃତି ରଖି କେନ୍ଦ୍ର ସରକାରଙ୍କ ଅନୁଦାନକୁ ସ୍ୱୀକାର କରିବା ସହ ଧନ୍ୟବାଦ ଦେବା ଆରମ୍ଭ କରନ୍ତୁ ବୋଲି ଡ.ସାମନ୍ତସିଂହାର କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ଉପସ୍ଥିତ ଥିଲେ ।

## ଭଦ୍ରକରେ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ:୯୩ଟି ଅଭିଯୋଗ ଆଗତ

ଭଦ୍ରକ, (ପିଏନ)- ଭଦ୍ରକ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ମିଳିତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଜ୍ଞାନ ଦାସଙ୍କ ଅଧକ୍ଷତ୍ୱାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ଆରକ୍ଷୀ ଅଧିକ୍ଷକ ପଣ୍ଡିତ ରାଜେଶ ଉତମ ରାଓ, ଅତିରିକ୍ତ ଜିଲ୍ଲାପାଳ ଶ୍ୟାମଭକ୍ତ ମିଶ୍ର,ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଉପଜିଲ୍ଲାପାଳ ପିତାମ୍ବର ସାମଲ, ଭାରପ୍ରାପ୍ତ ସିଡିଏମଓ ଡାକ୍ତର ପ୍ରଦୀପ କୁମାର ଖୁଂଟିଆ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଏହି ଜନ ଅଭିଯୋଗ ଶୁଣାଣି ଶିବରରେ ଉପସ୍ଥିତ ରହିଥିଲେ। ଆଜି ଜିଲ୍ଲାର ବିଭିନ୍ନ ଅଂଚଳରୁ ପ୍ରାୟ ୯୩ଟି ଅଭିଯୋଗ (ଦରଖାସ୍ତ) ଜିଲ୍ଲାପାଳଙ୍କ ଠାରେ ଆପତି ଅଭିଯୋଗ କରାଯାଇଥିଲା। ସେଗୁଡ଼ିକ ହେଲା ବାଧକ୍ୟ ବିଧବା ଭତା, ରେସନକାର୍ଡ ସମସ୍ୟା,ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଚିକିସ୍ୱାନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ଆର୍ଥିକ ସହାୟତା, ବିଭିନ୍ନ ରୋଗରେ ଆକ୍ରାନ୍ତ ବ୍ୟକ୍ତିମାନେ ଚିକିସ୍ୱା ନିମନ୍ତେ ରେଡ଼କ୍ରସରୁ ଆର୍ଥିକ ସହାୟତା ସମେତ ଅନ୍ୟାନ୍ୟ ଅଭିଯୋଗ ଆସିଥିଲା। ଏହି ଅଭିଯୋଗଗୁଡିକୁ ଜିଲ୍ଲାପାଳଙ୍କ ଅନୁମୋଦନକ୍ରମେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପଠାଯିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା।

## ପଥର ଖାଦାନରେ ବିସ୍ଫୋରଣ, ଜଣେ ମୃତ

ଜୟପୁର, (ପିଏନ)-- ପଥର ଖାଦାନରେଲବିସ୍ଫୋରଣରେ ଜଣେ ଯୁବକର ମୃତ୍ୟୁ ହୋଇଛି । କୋଟପାଡ ବ୍ଲକ କୁସୁମୀର ଏକ ପଥର ଖାଦାନରେ କୁଆଁରିରେ ବିସ୍ଫୋରଣ ହୋଇଥିବା ବେଳେ ଏହି ବିସ୍ଫୋରଣରେ ୨୨ ବର୍ଷୀୟ ଯୁବକ ନିରଞ୍ଜନ ନାୟକଙ୍କ ମୃତ୍ୟୁ ଘଟିଛି । ଏହା ସହ ତାଙ୍କ ପିତା ନରସିଂହ ନାୟକ ଗୁରୁତର ଆହତ ହୋଇଛନ୍ତି । ଯୁବକ ନିରଞ୍ଜନ ନାୟକଙ୍କ ତଳି ପେଟ ଏବଂ ଦେହର ଅନ୍ୟ ସ୍ଥାନରେ ଗଭୀର ଆଘାତ ହୋଇ ଗୁରୁତର ହୋଇ ପଡିଥିଲେ । ତେଣୁ ତାଙ୍କୁ ପ୍ରଥମେ କୁସୁମୀ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବା ପରେ ତାଙ୍କୁ ଜୟପୁର ସ୍ଥିତ ଜିଲ୍ଲା ମୂଖ୍ୟ ଚିକିସ୍ୱାଳୟରେ ଭର୍ତି କରାଯାଇଥିଲା । ସେଠାରେ ଡାକ୍ତର ନିରଞ୍ଜନଙ୍କୁ ମୃତ ଘୋଷଣା କରିଥିବା ଜଣାଯାଇଛି ।

# ଭଦ୍ରକ ଜିଲ୍ଲା ଯାଦବ ମହାସଭା ଓ ଯୁବଯାଦବ ମହାସଭା ତରଫରୁ ମେଡ଼ିକାଲ କଲେଜ ପ୍ରତିଷ୍ଠା ପାଇଁ ଦସ୍ତଖତ ଅଭିଯାନ ଓ ପଥପ୍ରାନ୍ତ ସଭା

ଭଦ୍ରକ, (ପିଏନ)-ଦ୍ୱିତୀୟଥର ପାଇଁ ଗୋଶାଳାଛକ ଠାରେ ଭଦ୍ରକ ଜିଲ୍ଲା ଯାଦବ ଓ ଯୁବଯାଦବ ମହାସଭା ତରଫରୁ ମେଡ଼ିକାଲକଲେଜ ପ୍ରତିଷ୍ଠା ପାଇଁ ପଥପ୍ରାନ୍ତ ସଭା ଓ ଦସ୍ତଖତ ଅଭିଯାନ ହୋଇଥିଲା। ଭଦ୍ରକଜିଲ୍ଲା ଯୁବଯାଦବର କାର୍ଯ୍ୟକାରୀ ସଭାପତି ପ୍ରକାଶଜ୍ୟୋତି ମହାକୁଡ଼ଙ୍କ ନେତୃତ୍ୱରେ ସକାଳ ୮ଘଟିକାରୁ ଆରମ୍ଭକରି ସନ୍ଧ୍ୟା ୫ଘଟିକା ପର୍ଯ୍ୟନ୍ତ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏହି ଦସ୍ତଖତ ଅଭିଯାନରେ ମେଡ଼ିକାଲ କଲେଜ ନିର୍ମାଣ ପାଇଁ ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ପ୍ରରିଲକ୍ଷିତ ହୋଇଥିଲା ଏବଂ ହଜାରହଜାର ସଂଖ୍ୟାରେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସାଧାରଣ ଜନତା ଦସ୍ତଖତ ଦେଇଥିଲେ। ଏହି ଦସ୍ତଖତ ଅଭିଯାନରେ ଜିଲ୍ଲାର ବିଭିନ୍ନ ଅଣରାଜନୈତିକ ସଂଗଠନ ଓ ସାମାଜିକ ସଂଗଠନର ନେତୃବର୍ଗମାନେ ଏହି କାର୍ଯ୍ୟକ୍ରମରେ ଏକସ୍ୱରରେ ସାମିଲ ହୋଇଥିଲେ ଏବଂ ଏହି ଅଭିଯାନରେ ଭଦ୍ରକର ବରିଷ୍ଠ ଡ଼ାକ୍ତର ହରି ନାୟକ, ବରିଷ୍ଠ ଆଇନ୍‌ଜୀବୀ ଜ୍ୟୋତିକାନ୍ତ ନାୟକ, ବରିଷ୍ଠ ବୁଦ୍ଧିଜୀବୀ ସୁଧାକର ରାଉତ, ବିଜୁଜନତା ଦଳର ନେତା ପ୍ରଫୁଲ୍ଲ ନାୟକ, ସୁରଜିତ୍ ପାଲ, ପ୍ରବୀର ଜେନା, ଇଗ୍‌ବାଲ ଖାଁ, ଭାରତୀୟ ଜନତା ପାର୍ଟିର ନେତା ତୁଷାର ଜେନା, ଅମ୍ବିକା ଦାସ, ସୁରେଷ ସାମଲ, ରୁଷ ଭୂଷଣ ସାହୁ, ସଞ୍ଜିବ୍ ଦାସ, କଂଗ୍ରେସର ନେତା ନଳିନୀକାନ୍ତ ମହାନ୍ତି, ଆଶିଷ୍ ରାଉତ, ତପନ ନାୟକ, ନିଜର ବହୁମୂଲ୍ୟ ମତାମତ ଦେବାସହ ଦସ୍ତଖତ ଅଭିଯାନରେ ସାମିଲ ହୋଇଥିଲେ। ଏହି ଅଭିଯାନରେ ରାଜ୍ୟ ଯୁବଯାଦବର ସାଧାରଣ ସଂପାଦକ ପ୍ରଦିପ କୁମାର ବାରିକ, ମୁଖ୍ୟ ଉପଦେଷ୍ଟା ଅମର କୁମାର ବାରିକ, ଉପସଭାପତି ମନୋଜ ପାଣ୍ଡବ, ଲିପିକା ବାରିକ, ସାଧାରଣ ସମ୍ପାଦକ ରାଜେନ୍ଦ୍ର ଦାସ, ଶରତ ମହାକୁଡ଼, କାହ୍ନୁଚରଣ ବାରିକ, ସୁଦର୍ଶନ ବାରିକ, ବାପୁଜୀ ପରିଡ଼ା ଓ ଯୁବଯାଦବ ନେତା ପ୍ରଫୁଲ୍ଲ ପୃଷ୍ଟି, ରଶ୍ମି ରଂଜନ ମହାକୁଲ ଓ ବାସୁଦେବପୁର ବ୍ଲକ ଯୁବଯାଦବ ସଭାପତି କୃଷ୍ଣ ଚନ୍ଦ୍ର ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ଶାସ୍ତ୍ରୁଗୁଡ଼ା ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ, ଆନ୍ଦୋଳନରେ ବସିବେ ଅଭିଭାବକ

ଜୟପାଟଣା, (ପିଏନ)- ଶିକ୍ଷାର ବିକାଶ ପାଇଁ ଅନେକ ଉଦ୍ୟମ ସହିତ ଶିକ୍ଷାନୁଷ୍ଠାନମାନ ଗାଗଲା ପଂାୟତ ସ୍ତରରେ ମଧ୍ୟ ଇଂରାଜୀ ବିଦ୍ୟାଳୟମାନଙ୍କୁ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ପରିଣତ କରାଗଲା। କିନ୍ତୁ ଗ୍ରାମାଂଚଳର ଛାତ୍ରଛାତ୍ରୀମାନେ ଅଧା ସାରି ହାଇସ୍କୁଲ ଶିକ୍ଷାରୁ ବଂଚିତ ହେବାପରେ ଛାତ୍ରଛାତ୍ରୀଙ୍କ ପରବର୍ତୀ ସମୟରେ ପାଠ ପଢ଼ିବା ପାଇଁ ଅଗ୍ରହ ଦେଖାଦେଇଥିଲା।

କିନ୍ତୁ ପରବର୍ତୀ ଅବସ୍ଥାରେ ହାଇସ୍କୁଲ ସ୍ତରରେ ଶିକ୍ଷକଙ୍କ ଅଭାବ ପାଠ ପାରେ ରୁଚି ରଖିଥିବା ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ଚୁରମାର କରିଦେଲା। ଏପରିକି ହାଇସ୍କୁଲର ୮୭ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ମାତ୍ର ଶିକ୍ଷକ ମୁତୟନ ବ୍ୟବସ୍ଥା ପ୍ରତି ପ୍ରଶ୍ନ ଉଠାଇବା ପରେ ଏବେ ଅଭିଭାବକ ଓ ଅଭିଭାବିକାମାନେ ଆସନ୍ତା ସୋମବାର ଠାରୁ ସ୍କୁଲରେ ତାଲା ପକାଇ ଆନ୍ଦୋଳନ ପାଇଁ ଧମକ ଦେଇଥିବା ସୁଚନା ମିଳିଛି। ଜୟପାଟଣା ଅନ୍ତର୍ଗତ ଧନଶୁଳି ପଂଚାୟତର ଶାସ୍ତ୍ରୁଗୁଡ଼ା ଠାରେ ୨୦୦୮ ମସିହାରେ ଉନ୍ନିତ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଦୁର୍ଗମ ଅଂଚଳର ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କ୍ଷେତ୍ରରେ ଏକ ର୍ନିଭରଯୋଗ୍ୟ ଶିକ୍ଷାନୁଷ୍ଠାନର ପରିଚୟ ରଖି ଆସିଥିଲା।

ପ୍ରଥମରୁ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ୨୩୦ଜଣ ଛାତ୍ରଛାତ୍ରୀଙ୍କ ପାଇଁ ମାତ୍ର ୫ ଜଣ ଶିକ୍ଷକ ଥିବାବେଳେ ଜଣେ କ୍ରୀଡ଼ା ଶିକ୍ଷକଙ୍କୁ ଡ଼େପୁଟେସନରେ ପଠାଯାଇଥିବା ଅଭିଯୋଗ ଆସୁଛି। ନବମ, ଦଶମ ଶ୍ରେଣୀରେ ମୋଟ ୮୭ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ଜଣେ ମାତ୍ର ବିଷୟ ଗତ ଶିକ୍ଷକଙ୍କ ନିଯୁକ୍ତି ହୋଇଥିବାବେଳେ ହିନ୍ଦି, ସଂସ୍କୃତ, ଇଂରାଜୀ, ଗଣିତ, ଇତିହାସ, ଭୂଗୋଳ ଇତ୍ୟାଦି ବଷୟ ପାଇଁ ବିଷୟଗତ ଶିକ୍ଷକ ପଦବୀ ଖାଲି ପଡ଼ିଥିବାରୁ ଏହାକୁ ଜିଲ୍ଲା ଶିକ୍ଷା ବିଭାଗର ବୈମାତୃକ ଭାବବୋଲି ଅଭିଭାବକମାନେ ଅଭିଯୋଗ ଆଣିଛନ୍ତି। ଏପରିକି ୨୦୧୪ ମସିହାରେ ବିଦ୍ୟାଳୟକୁ ମିଳିଥିବା ଆସବାବ ପତ୍ର ଅନୁଦାନକୁ କେଉଁ କାରଣରୁ କାଟି ନିଆଗଲାବୋଲି ଅଭିଯୋଗ କରିଛନ୍ତି। ଶିକ୍ଷା ବିଭାଗର ବୈମାତୃକ ଭାବ ମଧ୍ୟରେ ଗତି କରୁଥିବା ଶାସ୍ତ୍ରୁଗୁଡ଼ା ଉନ୍ନିତ ଉଚ୍ଚ ବିଦ୍ୟାଳୟର ଦାବି ପୂରଣ ନହେଲେ ଅର୍ନିଦ୍ଧିଷ୍ଟ କାଳ ପାଇଁ ବିଦ୍ୟାଳୟ ବନ୍ଦ କରି ଆନ୍ଦୋଳନ ଜାରି ରଖିବେ ବୋଲି ସ୍ଥାନୀୟ ଚନ୍ଦ୍ର କିଶୋର ନାଏକ, ତରୁଣ କୁମାର ନାଏକ, ପ୍ରମୋଦ କୁମାର ପ୍ରଧାନୀ, ଗୌରଚନ୍ଦ୍ର ମାଝୀ ପ୍ରମୁଖ ଦାବି ଜଣାଇଛନ୍ତି।

# ଧଳା ଜହର ମାୟାରେ ଯୁବ ଓ ଛାତ୍ର ଗୋଷ୍ଠୀ

ଭଦ୍ରକ, (ପିଏନ୍)- ଏହି ଜିଲାର ଭଦ୍ରକ ସମେତ ଧାମନଗର ଅଂଚଳରେ ବେଆଇନ୍ ନିଶା କାରବାର ଜୋର ଧରିଛି। ଚୋରା ଦେଠୀ ଏବଂ ବିଦେଶୀ ମଦ ସହ ଗଂଜେଇ, ଚରସ, ବ୍ରାଉନସୁଗାର ଆଦି ନିଶାଦ୍ରବ୍ୟର ବିକ୍ରି ଅବାଧରେ ବୃଦ୍ଧି ପାଇଛି। ବିଭିନ୍ନ ଗାଠୁଁ ଛକ ଏବେ ନିଶା ବେପାରର ପେଣ୍ଠସ୍ଥଳୀ ପାଲଟିଥିବାବେଳେ ଛୋଟ ଛୋଟ ଦୋକାନ ଏହାର ମୁଖ୍ୟ କେନ୍ଦ୍ର ପାଲଟିଛି। ବିଶେଷକରି ଛାତ୍ର ଓ ଯୁବପିଢୀ ଏହାର ମୁଖ୍ୟ ଗ୍ରାହକ ସାଜୁଥିବା ଦେଖିବାକୁ ମିଳିଛି। ଯାହା ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ଘଟାଇବାର ଆଶଙ୍କା ସୃଷ୍ଟି କରିଛି। ଏ ଦିଗରେ ଜିଲା ଅବକାରୀ ବିଭାଗ ଚେଇଁ ଶୋଇଥିବାବେଳେ ଗତ କିଛିଦିନ ଧରି କ୍ରମାଗତ ଭାବେ କଟକ ସ୍ଥିତ କେନ୍ଦ୍ରୀୟ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଚଢାଉ କରାଯାଇ ସହରର ଚରମ୍ପା ଅଂଚଳର ବରାଳପୋଖରୀ, ଖଣ୍ଡିଆବଜାର ଓ ଷ୍ଟେସନ ନିକଟ ସମେତ ଭଦ୍ରକ କଲେଜ ନିକଟ, ଭଦ୍ରକ ଚାନ୍ଦବାଲି ବାଇପାସ, ନୂଆ ବସ୍‌ଷ୍ଟାଣ୍ଡ, ଅପର୍ତିବିନ୍ଧା ଛକ, ଆରଡି ଛକ, ବଙ୍କସାହି ସ୍କୁଲ ନିକଟରୁ ଅନେକଥର ବ୍ରାଉନସୁଗାର ଭଳି ମାରାତ୍ମକ ମାଦକ ଦ୍ରବ୍ୟ ଜବତ କରି ଆସୁଛନ୍ତି। ସେହିଭଳି ଏବେ ଧୁଷୁରୀ ଏବଂ ଧାମନଗର ଥାନା ଅଂଚଳରେ ବ୍ରାଉନ୍ ସୁଗାର ଭଳି ଭୟଙ୍କର ନିଶା ବେପାର କାୟା ବିସ୍ତାର କରିଛି। ବ୍ଲକ୍‌ର ଅସୁରାଳି, ବେତାଳିଗାଁ, କୋରୁଆ-ଗୋବିନ୍ଦପୁର, ବରୁଣେଇ, ଭଗବାନପୁର, ଚୁଡାକୁଟୀ, ମଙ୍ଗଳପୁର ପ୍ରଭୃତି ସ୍ଥାନରେ ଏହି ବେଆଇନ୍ ବେପାର ଚାଲୁଥିବା ଜଣାଯାଇଛି। କେତେକ ମୁଷ୍ଟିମେୟ ଅସାମାଜିକ ଏହି ବେପାରର ମୁଖ୍ୟ କାର୍ପେଟଦାର ହୋଇଥିବାବେଳେ ସେମାନେ ଆଉ କିଛି ବେକାର ଯୁବକଙ୍କୁ ମୋହରା ବନାଇ ବେପାରକୁ ଅନାୟାସରେ ଚଳାଉଛନ୍ତି। ଦିନରେ ଲୁଚାଛପାରେ ଚାଲୁଥିବା ବେପାର ସଂଜ ନଇଁଲେ ଖୋଲମଖୁଲା ଆରମ୍ଭ ହେଉଛି। ବିଳମ୍ବିତ ରାତି ଯାଏ ବିଭିନ୍ନ ଛକ ସମେତ ନିଛାଟିଆ ରାସ୍ତା, ନଈପଠାରେ ଏମାନଙ୍କର ଦୌରାତ୍ମ୍ୟ ବୃଦ୍ଧି ପାଉଛି। ନିର୍ଦ୍ଦିଷ୍ଟ ଭାବେ ଅଳ୍ପ ବୟସ୍କର ଯୁବକ ଏବଂ ଛାତ୍ର ଦୈନିକ ଏହି ନିଶା ସେବନ କରୁଥିବା ବେଳେ ଅଧିକାଂଶ ଗାଁରେ ଗଂଜେଇ ଖଟି ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଇଛି। କିଛି ମାଫିଆ ଏହାକୁ ଚୋରା ଆଣି ନିଜର ଏଜେଣ୍ଟମାନଙ୍କ ଜରିଆରେ ବେପାର କରୁଛନ୍ତି। ନିଶାରେ କବଳିତ ଯୁବଗୋଷ୍ଠୀ ଏହାକୁ ସେବନ କରିବା ପାଇଁ ଅର୍ଥ ସଂକଟରେ ପଡୁଥିବାବେଳେ ସେମାନେ ବିଭିନ୍ନ ପ୍ରକାର ଅପ୍ରୀତିକର ପରିସ୍ଥିତି ଉପୁଜାଇବାକୁ ପଛାଉନାହାଁନ୍ତି। ଗଂଜେଇ ଓ ଧଳା ଜହରକୁ ଛାଡି ପାରୁନଥିବା କିଛି ଯୁବକ ଓ ଛାତ୍ର ନିଶାରେ ପାଗଳପ୍ରାୟ ପରିସ୍ଥିତିକୁ ସାମ୍ନା କରୁଥିବା ଦେଖାଯାଇଛି। ଭଦ୍ରକ-ଆଖଣ୍ଡଳମଣି ରାଜ୍ୟ ରାଜପଥର ଆନନ୍ଦବଜାର, ହନୁମାନ ଛକ, ସରପୁର ଛକ ପ୍ରଭୃତି ସ୍ଥାନରେ ଏହି ବେପାର ଏବେ ବେଧଡକ ଚାଲିଛି। ଦିନକୁ ଦିନ ଗାଁରୁ ଗାଁ ବ୍ରାଉନସୁଗାର କାରବାର ବଢି ଚାଲିଥିବା ବେଳେ ଅବକାରୀ ବିଭାଗର ଅହେତକୁ ନୀରବତାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Wednesday September 18 ଭୁବନେଶ୍ୱର ବୁଧବାର, ସେପ୍ଟେମ୍ବର ୧୮ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


## ଭିଏଫ୍ଏସ୍‌ର ୨୦୧୮-୧୯ ଆର୍ଥିକ ବର୍ଷ ରଣ ପୋର୍ଟଫୋଲିଓରେ ୪୨.୭୯ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର:କୋଲକାତାର ଅଗ୍ରଣୀ ଏନ୍‌ବିଏଫ୍‌ସି-ଏମ୍‌ଏଫ୍‌ଆଇ ଭିଲେଜ୍ ଫାଇନାନ୍ସିଆଲ୍ ସର୍ଭିସେସ୍ (ଭିଏଫ୍ଏସ୍) ୨୦୧୮-୧୯ ଆର୍ଥିକ ବର୍ଷରେ ସଂପତି ଆକାରରେ ସୁଦୃଢ଼ ୪୨.୭୯ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି ଏବଂ ଏହା ୧୦୦୦ କୋଟି ଟଙ୍କାର ସ୍ତର ଅତିକ୍ରମ କରିଛି । କଂପାନିର ରଣ ପୋର୍ଟଫୋଲିଓ ପରିବାଣ ୨୦୧୮-୧୯ ଆର୍ଥିକ ବର୍ଷରେ ୧୦୫୭.୧୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି ଯାହା ୨୦୧୭-୧୮ରେ ୭୪୦.୩୩ କୋଟି ଟଙ୍କା ଥିଲା ଏବଂ ଏହି ସଂସ୍ଥା ରେକର୍ଡ ୧୩୯୫ କୋଟି ଟଙ୍କାର ରଣ ଆବଂଟନ କରିଛି । ୨୦୧୯ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ଆର୍ଥିକ ବର୍ଷରେ ଭିଏଫ୍ଏସ୍ ସୁଦୃଢ଼ ୨୧୨% ଅଭିବୃଦ୍ଧି ସହ ୨୯.୩୩ କୋଟି ଟଙ୍କାର ନିଟ୍ ଲାଭ ହାସଲ କରିଛି ଯାହା ୨୦୧୮ ମାର୍ଚ୍ଚ ୩୧ ସୁଦ୍ଧା ୯.୩୬ କୋଟି ଟଙ୍କା ଥିଲା । ଆଲୋଚ୍ୟ ଆର୍ଥିକ ବର୍ଷରେ କଂପାନିର ପରିଚାଳନା ଲାଭ ପରିମାଣ ୩୮.୪୯ କୋଟି ଟଙ୍କାକୁ ବୃଦ୍ଧି ପାଇଛି ଯାହା ଗୋଟିଏ ଆର୍ଥିକ ବର୍ଷ ପୂର୍ବରୁ ୧୫.୧୮ କୋଟି ଟଙ୍କା ଥିଲା । କଂପାନିର ଆୟ ବାର୍ଷିକ ଭିତିରେ ୪୦.୨୧ ପ୍ରତିଶତ ବୃଦ୍ଧି ପାଇ ୧୯୩.୮୧ କୋଟି ଟଙ୍କା ହୋଇଛି । ୨୦୧୮-୧୯ ଆର୍ଥିକ ବର୍ଷରେ ଭିଏଫ୍ଏସ୍ ୫୦ଟି ଶାଖା ଯୋଗ କରି ଏହାର ଶାଖା ସଂଖ୍ୟାକୁ ୨୩୮ରେ ପହଂଚାଇଛି ଏବଂ ଏହାର ଉପସ୍ଥିତିକୁ ଉତର-ପୂର୍ବାଚଂଳ ରାଜ୍ୟ ମେଘାଳୟରେ ସ୍ଥାପନ କରିଛି ଫଳରେ ସାରା ଦେଶରେ ୧୧ଟି ରାଜ୍ୟକୁ ସେବା ସଂପ୍ରସାରିତ କରିଛି । ଭିଏଫ୍ଏସ୍। ଗ୍ରାହକ ସଂଖ୍ୟା ଏହିବର୍ଷ ୧.୪ ଲକ୍ଷ ବୃଦ୍ଧି ପାଇ ୪.୭୫ ଲକ୍ଷରେ ପହଂଚିଛି । ଡକ୍ଟର କୁଳଦୀପ ମାଇତି, ଏମ୍‌ଡି ଓ ସିଇଓ, ଭିଏଫ୍ଏସ୍ କହିଛିଁ ଯେ, 'ଗତବର୍ଷ ଆମେ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲୁ ତାହାକୁ ହାସଲ କରିବାରେ ଆମେ ଉଲ୍ଲେଖନୀୟ ସଫଳତା ହାସଲକରିଛୁ । ଦେଶର ଏହି ଆର୍ଥ୍ୟ'ରୀଣ ଅଂଚଳର ଲୋକମାନଙ୍କ ପାଖରେ ଆମେ ପହଂଚିପାରିଛୁ ଯାହା ଏପର୍ଯ୍ୟ' ଅର୍ଥନୈତିକ ବିକାଶର ଅଂଶ ହୋଇପାରିନଥିଲା । ଏହିବର୍ଷ, ଆମେ ୧୦୦୦ କୋଟି ଟଙ୍କା ରଣ ପୋର୍ଟଫୋଲିଓର ମାଇଲଖୁଂଟ ହାସଲ କରିଛୁ । ସହଜରେ ରଣ ପ୍ରଦାନ କରିବା ସହ ଆର୍ଥିକ ସଚେତନତା ସୃଷ୍ଟି ଓ ପ୍ରସାର କରିବାର ଲକ୍ଷ୍ୟ ପ୍ରତି ଆମେ ପ୍ରତିବଦ୍ଧ ହୋଇ ରହିଛୁ ।''

## ହେଲୋ ସୁପରଷ୍ଟାର୍ ଅଭିଯାନର ତୃତୀୟ ସଂସ୍କରଣ ଘୋଷିତ, ୧୦ ଦିନରେ ୩ ବିଲିଅନ ଭିଉ ସହ ନୂତନ ରେକର୍ଡ ସ୍ଥାପନ

ଭୁବନେଶ୍ୱର:ଭାରତର ଅଗ୍ରଣୀ ଆଂଚଳିକ ସୋସିଆଲ ମିଡିଆ ପ୍ଲାଟଫର୍ମ ହେଲୋ ପକ୍ଷରୁ କନ୍‌ଟେଂଟ୍ କ୍ରିଏଟରଙ୍କ ସନ୍ଧାନ ପାଇଁ 'ହେଲୋ ସୁପରଷ୍ଟାର୍' ଅଭିଯାନର ତୃତୀୟ ସଂସ୍କରଣ ବିଷୟରେ ଘୋଷଣା କରାଯାଇଛି । ହେଲୋ ସୁପର ଷ୍ଟାର୍ ୧୦ଟି ଭିନ୍ନ ପ୍ରକାର କ୍ଷେତ୍ର ଯଥା ମନୋରଂଜନ, କ୍ରୀଡ଼ା, ଖାଦ୍ୟ, ଶିକ୍ଷା ଆଦି କ୍ଷେତ୍ରରେ ଅତି ଗଭୀର ବିଷୟବସ୍ତୁ ସୃଷ୍ଟି କରିବାର ସୁଯୋଗ ପ୍ରଦାନ କରୁଛି । ଚଳିତ ମାସ ୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ କ୍ରିଏଟରମାନଙ୍କ ପାଇଁ ହିନ୍ଦୀ, ତାମିଲ, ତେଲୁଗୁ, ମାଲାୟାଲମ୍, କନ୍ନଡ, ପଂଜାବୀ, ମରାଠି, ବେଙ୍ଗଲି ଓ ଗୁଜୁରାଟି ଭାଷାରେ ବିଷୟବସ୍ତୁ ବିକଶିତ କରିବାର ସୁଯୋଗ ରହିଛି । ହେଲୋ ସୁପରଷ୍ଟାର୍ ଅଭିଯାନର ପ୍ରଥମ ସଂସ୍କରଣ ବହୁତ ସଫଳ ହୋଇଥିଲା ଏବଂ ଏହାର ୧୦ ବିଲିଅନ୍ ଭିଉ ସୃଷ୍ଟି ହୋଇଥିଲା । ଦ୍ୱିତୀୟ ସଂସ୍କରଣରେ ଭିଉ ସଂଖ୍ୟା ୨.୧ ନିୟୁତ ଟପିଥିଲା । ତୃତୀୟ ସଂସ୍କରଣରେ ୧୦ ଦିନ ଭିତରେ ୩୬ ନିୟୁତରୁ ଅଧିକ ବ୍ୟବହାରକାରୀ ବ୍ୟଙ୍ଗ ବିଷୟବସ୍ତୁକୁ ପସନ୍ଦ ଓ ସେୟାର କରିଥିବା ବେଳେ ମୋଟ୍ ଭିଉ ୩ ବିଲିଅନରୁ ଅଧିକ ହୋଇସାରିଲାଣି ଯାହା ହେଉଛି ଏକ ନୂତନ ରେକର୍ଡ ।

## ଏସିଆନ୍ ଏକ୍ସଲେଣ୍ଟ ଚଳଚ୍ଚିତ୍ର ପୁରସ୍କାର ପାଇଁ 'କ୍ରାନ୍ତିଧାରା' ମନୋନୀତ




ଭୁବନେଶ୍ୱର: ସମ୍ମାନଜନକ ଚଳଚ୍ଚିତ୍ର ସମ୍ମାନ 'ଏସିଆନ୍ ଏକ୍ସଲେଣ୍ଟ ଚଳଚ୍ଚିତ୍ର ପୁରସ୍କାର' ପାଇବା ପାଇଁ ଓଡ଼ିଆ ଚଳଚ୍ଚିତ୍ର 'କ୍ରାନ୍ତିଧାରା' ମନୋନୀତ ହୋଇଛି । ଦକ୍ଷିଣକୋରିଆର ସିଓଲଠାରେ ଅନୁଷ୍ଠିତ ହେବାକୁ ଥିବା 'ସିଓଲ ଆନ୍ତର୍ଜାତିକ ୟୁଥ୍ ଫିଲ୍ମ ଫେଷ୍ଟିଭାଲ୍' ଅବସରରେ 'କ୍ରାନ୍ତିଧାରା'କୁ ଏହି ପୁରସ୍କାର ପ୍ରଦାନ କରାଯିବ । ଏତଦ୍‌ବ୍ୟତୀତ ଦର୍ଶକ ଓ ଚଳଚ୍ଚିତ୍ର ପ୍ରଯୋଜକ ନିର୍ଦ୍ଦେଶକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏହି ଚଳଚ୍ଚିତ୍ର ଉତ୍ସବର ଉଦ୍‌ଘାଟନୀ ଉତ୍ସବରେ ପ୍ରଦୀପ ପ୍ରଜ୍ୱଳନ ନିମନ୍ତେ ନିର୍ଦ୍ଦେଶକ ହିମାଂଶୁ ଖଟୁଆଙ୍କୁ ଯୋଗଦେବା ନିମନ୍ତେ ମଧ୍ୟ 'ସିଓଲ ଆନ୍ତର୍ଜାତିକ ୟୁଥ୍ ଫିଲ୍ମ ଫେଷ୍ଟିଭାଲ୍' ପକ୍ଷରୁ ନିମନ୍ତ୍ରଣ କରାଯାଇଛି । ଏଠାରେ ସୂଚନାଯୋଗ୍ୟ, ବିଶ୍ୱ ଚଳଚ୍ଚିତ୍ର ଜଗତରେ 'ଏସିଆନ୍ ଏକ୍ସଲେଣ୍ଟ ଚଳଚ୍ଚିତ୍ର ପୁରସ୍କାର'ର ଏକ ସ୍ୱତନ୍ତ୍ର ଗୁରୁତ୍ୱ ରହିଛି । ଡ. ଅଚ୍ୟୁତ ସାମନ୍ତଙ୍କ ନିବେଦିତ ତଥା କାଦମ୍ବିନୀ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ବ୍ୟାନ୍‌ରରେ ନିର୍ମିତ ଚଳଚ୍ଚିତ୍ର 'କ୍ରାନ୍ତିଧାରା' ର ଚିତ୍ରନାଟ୍ୟ ରଚନା ଓ ନିର୍ଦ୍ଦେଶନା ଦେଇଛନ୍ତି ଖ୍ୟାତି ସମ୍ପନ୍ନ ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ଖଟୁଆ । ସୂଚନାଯୋଗ୍ୟ, ଡ. ଇତି ସାମନ୍ତଙ୍କ କ୍ଷୁଦ୍ରଗଳ୍ପ 'ଝଡ଼ ପରର ସୂର୍ଯ୍ୟ' କାହାଣୀ ଆଧାରରେ ଏହା ନିର୍ମିତ । ରାଜନୈତିକ ପ୍ରେକ୍ଷାପଟରେ ଜଣେ ନାରୀର ସଂଘର୍ଷମୟ ଗାଥାକୁ ଏକ ସକରାତ୍ମକ ଢଙ୍ଗରେ ଉପସ୍ଥାପନ କରାଯାଇ ପ୍ରସ୍ତୁତ ହୋଇଛି ଚଳଚ୍ଚିତ୍ର 'କ୍ରାନ୍ତିଧାରା' । ଏହି ଚଳଚ୍ଚିତ୍ରଟି ପୂର୍ବରୁ ବେଶ୍ ଚର୍ଚ୍ଚିତ ହେବା ସହ ବିଭିନ୍ନ ବର୍ଗରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଏବଂ ବହୁ ଜାତୀୟ ଓ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ଉଚ୍ଚ ପ୍ରଶଂସିତ ହୋଇସାରିଛି । ଚଳଚ୍ଚିତ୍ର 'କ୍ରାନ୍ତିଧାରା'ର ବିଭିନ୍ନ ଭୂମିକାରେ ସମରେଶ ରାଉତରାୟ, ଗାର୍ଗୀ ମହାନ୍ତି, ଦେବାଶିଷ ପାତ୍ର, ପ୍ରିୟ ମିଶ୍ର, ବିଜୟଲକ୍ଷ୍ମୀ ପ୍ରହରାଜ, ବିଦ୍ୟୁତ୍‌ପ୍ରଭା ପଟ୍ଟନାୟକ, ଭକ୍ତ ପ୍ରହ୍ଲାଦ ଚରଣ ପଟ୍ଟନାୟକ, ଚୌଧୁରୀ ଜୟପ୍ରକାଶ ଦାସ ପ୍ରମୁଖ ଅଭିନୟ କରିଛନ୍ତି । 'କ୍ରାନ୍ତିଧାରା' ହେଉଛି ଏକମାତ୍ର ଓଡ଼ିଆ ଚଳଚ୍ଚିତ୍ର ଯେଉଁଥିରେ ସମ୍ପୂର୍ଣ୍ଣ ସିଙ୍କ୍ ସାଉଟ୍ ବ୍ୟବହାର କରାଯାଇଛି । ଏହାର ଚିତ୍ରୋତ୍ତଳନ କରିଛନ୍ତି ସୁଶାନ୍ତ ବାହିନୀପତି, ସମ୍ପାଦନା କରିଛନ୍ତି ଅଜୟ ମିଶ୍ର , ସିଙ୍କ୍ ସାଉଟ୍ ଭବାନୀ ପ୍ରସନ୍ନ ମଲ୍ଲିକ ଓ ଶବ୍ଦ ଡିଜାଇନ୍ ଦାୟିତ୍ୱ ନିର୍ବାହ କରିଛନ୍ତି ମାନସ ଚୌଧୁରୀ ।

## ବିଦେଶୀ ମେଡ଼ିକାଲ୍ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରିବ ସିବନ ହସ୍ପିଟାଲ୍

ଭୁବନେଶ୍ୱର : ପଶ୍ଚିମ ବଙ୍ଗର ଏକ ବୃହତ ତଥା ସୁପରିଚିତ ହସ୍ପିଟାଲ୍ ଭାବେ ଜଣାଶୁଣା ସିବନ ହସ୍ପିଟାଲ୍ ଫରେନ୍ ମେଡିକାଲ୍ ଗ୍ରାଜୁଏଟ୍ସ ଏକ୍‌ଜାମିନେସନ୍ (ଏଫ୍‌ଏମ୍‌ଜିଇ) ତାଲିମ୍ ଅଧିବେଶନର ଆୟୋଜନ କରୁଛି, ଯେଉଁଥିରେ ଚାଇନା, ଋଷିଆ, କିର୍ଜିସ୍ତାନ ଓ ବାଙ୍ଗଲାଦେଶ ପମୁଖ ଦେଶମାନଙ୍କ ମେଡ଼ିକାଲ୍ ଛାତ୍ରଛାତ୍ରୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ବର୍ତ୍ତମାନ ସିବନ ହସ୍ପିଟାଲ୍ ମେଡ଼ିକାଲ୍ ଶିକ୍ଷା, ପାରାମେଡ଼ିକାଲ୍ ତାଲିମ ଓ ନର୍ସିଂ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ବହନ କରୁଛି । ଏହି ହସ୍ପିଟାଲ୍ ଲିଙ୍କଲନ୍ ୟୁନିଭର୍ସିଟି କଲେଜ୍ (ଏଲ୍‌ୟୁସି), ମାଲେସିଆ ସହ ଡକ୍ଟର ଅଫ୍ ମେଡ଼ିସିନ୍ (ଏମ୍‌ଡି) ପାଠ୍ୟକ୍ରମ ନିମନ୍ତେ ସହବନ୍ଧିତା କରିଛି, ଯେଉଁ ପାଠ୍ୟକ୍ରମ ଭାରତରେ ଏମ୍‌ବିବିଏସ୍ ସହିତ ସମାନ ଅଟେ । ଏଥିରେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପରୀକ୍ଷା, ଯେପରିକି- ଏଫ୍‌ଏମ୍‌ଜିଇ/ନେକ୍ସ୍ଟ, ୟୁଏସ୍‌ଏମ୍‌ଏଲଇ, ପିଏଲ୍‌ଏବି ଆଦି ନିମନ୍ତେ ତାଲିମ ପ୍ରଦାନ କରାଯିବ । ସିବନ ହସ୍ପିଟାଲ୍ ଏହି ଏଫ୍‌ଏମ୍‌ଜିଇ ତାଲିମ ପାଇଁ ଆରାଇଜ୍ ମେଡ଼ିକାଲ୍ ଏକାଡ଼େମୀ, ହାଇଦ୍ରାବାଦ ସହିତ ମଧ୍ୟ ହାତ ମିଳାଇଛି ।

## ମୋଦିକେୟାରର ଅର୍ବାନ କଲର ପ୍ରୋ ସ୍କିନ କେୟାର ରେର ଶୁଭାରମ୍ଭ

ଭୁବନେଶ୍ୱର: ଭାରତରେ ପ୍ରତ୍ୟେକ୍ଷ ବିକ୍ରି କରୁଥିବା ଅଗ୍ରଣୀ କମ୍ପାନୀ ମୋଦ କେୟାର ଲିମିଟେଡ, ଆଜି ଏହାର ଅର୍ବାନ କଲର ପ୍ରୋ ହ୍ୱାଇଟ ଭଳି ଏକ ସ୍ୱତନ୍ତ୍ର ସ୍କିନକେୟାର ସଲ୍ୟୁସନର ଶୁଭାରମ୍ଭ କରିଛି । ମୋଦିକେୟାରର କଲର କସମେଟିକ ଏବଂ ଇଟାଲିରେ ପ୍ରସ୍ତୁତ ସ୍କିନ କେୟାର ବ୍ରାଣ୍ଡ ଅର୍ବାନ କଲର କ୍ଷେତ୍ରରେ ଏହି ପ୍ରୋ ହ୍ୱାଇଟକୁ ନୂତନ ଭାବେ ସାମିଲ କରାଯାଇଛି । ଏହା '୪-ଇନ-୧ ରାଡିଏନ୍ସ ହ୍ୱାଇଟନିଙ୍ଗ କମ୍ପ୍ଲେକ୍ସ ସହ ପ୍ରସ୍ତୁତ କରାଯାଇଛି ଯାହକି ତ୍ୱଚାକୁ ଉଜ୍ଜ୍ୱଳତା ପ୍ରଦାନ କରିବା ସହ କଳା ଦାଗ ହ୍ରାସ କରିବା ଏବଂ ଦୀର୍ଘ ସମୟର ହାଇଡ୍ରେସନ ଯୋଗାଇଥାଏ । ଅର୍ବାନ କଲରର ପ୍ରୋ ହ୍ୱାଇଟ ଅ'ର୍ଭୁକ୍ତ ପ୍ରସାଧନ ଗୁଡ଼ିକର ମୂଲ୍ୟ ମାତ୍ର ଟ.୪୯୯ ରୁ ଟ.୧୬୯୯ ମଧ୍ୟରେ ରହିଥିବା ବେଳେ ଏହା ମୋଦିକେୟାର ପରାମର୍ଶଦାତାଙ୍କ ଜରିଆରେ କିମ୍ବା ମୋଦିକେୟାର ବିତରଣ କେନ୍ଦ୍ର/ ମୋଦିକେୟାର ସକ୍ସେସ ସେଣ୍ଟର/ ମୋଦିକେୟାର ଲାଇଫଷ୍ଟାଇଲ ସେଣ୍ଟର ଗୁଡ଼ିକରେ ଉପଲବ୍ଧ ହେବାକୁ ଯାଉଛି । ଏହି କ୍ରମରେ ୪ଟି ଆଧୁନିକ ତଥା ଉନ୍ନତ ପ୍ରସାଧନକୁ ସାମିଲ କରାଯାଇଛି ଯାହାକି ଆପଣଙ୍କ ତ୍ୱଚାକୁ ସୁସ୍ଥ ରଖିବା ସହ କ୍ଷତିକାରକ ୟୁଭି ରଶ୍ମୀ ଠାରୁ ସୁରକ୍ଷା ଦେଇଥାଏ । ଏହି ଉତ୍ପାଦ କ୍ରମରେ ଦିନ ଏବଂ ରାତ୍ରି କାଳୀନ ସ୍କିନ କେୟାର ପ୍ରସାଧନ ରହିଛି ଯାହାକି ପରିବେଶର କୁପ୍ରଭାବ ଠାରୁ ଆପଣଙ୍କ ତ୍ୱଚାକୁ ସୁରକ୍ଷା ଦେବା ସହ ଏହାକୁ କୋମଳ ଏବଂ ନମନୀୟ ରଖିଥାଏ । ଉତ୍କୃଷ୍ଟ ଗୁଣାବଳୀରେ ସମୃଦ୍ଧ ଏହି ୪-ଇନ-୧ ରାଡିଆନ୍ସ ହ୍ୱାଇଟନିଙ୍ଗ କମ୍ପ୍ଲେକ୍ସ ତ୍ୱଚାର ଶ୍ୟାମଳ ପଣକୁ ଦୂର କରିବା, ତ୍ୱଚାକୁ ଉଜ୍ଜ୍ୱଳ କରିବା, ତ୍ୱଚାକୁ ମଶ୍ଚରାଇଜ ରଖିବା ଏବଂ ଅଳ୍ପ ସମୟ ମଧ୍ୟରେ ଏକ ନିଖୁଣ ଚମକ ପ୍ରଦାନ କରିବା ପାଇଁ ପ୍ରମାଣିତ । ଏହି ଅର୍ବାନ କଲର ପ୍ରୋ ହ୍ୱାଇଟ ପ୍ରସାଧନ ଗୁଡ଼ିକ ମଲବେରୀ, ସିଆ ବଟର, ଆଭୋକାଡୋ ଏକ୍ସଟ୍ରାଟ, ଭିଟାମିନ-ଇ, ନାୟସିନାମାଇଡ ଏବଂ ହ୍ୟାଲ୍ୟୁରୋନିକ ଏସିଡ ଆଦି ଶକ୍ତିରେ ସମୃଦ୍ଧ । ଏହାର ଶୁଭାରମ୍ଭ ଅବସରରେ ମୋଦିକେୟାର ଲିମିଟେଡର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ. ସମିର ମୋଦି କହିଛିଁ ଯେ, 'ମୋଦିକେୟାର ପକ୍ଷରୁ ଶୁଭାରମ୍ଭ କରାଯାଇଥିବା ସମସ୍ତ ବର୍ଗର ଉତ୍ପାଦ ଉଦ୍ୟୋଗ ପାଇଁ ଏକ ନୂତନ ବେଞ୍ଚମାର୍କ । ତ୍ୱଚା ଯତ୍ନ କ୍ଷେତ୍ରରେ ଅର୍ବାନ କଲର ପ୍ରୋ ହ୍ୱାଇଟ ହେଉଛି ଏକ ଅତ୍ୟାଧୁନିକ ଜ୍ଞାନକୌଶଳଯୁକ୍ତ ସ୍କିନ୍ କେୟାର ଉତ୍ପାଦ, ଯାହାକି ଭାରତୀୟ ମାନଙ୍କ ତ୍ୱଚାକୁ ସୁହାଇପାରିବ । ଆମ୍ଭେମାନେ ହୃଦୟରୁ କରୁଥିବା ଆବିଷ୍କାର ସହିତ ଅର୍ବାନ କଲର ଲକ୍ଷ ଲକ୍ଷ ଭାରତୀୟଙ୍କ ଇଚ୍ଛା ପୂରଣ କରିବା ଦ୍ୱାରା ଆମର ଦର୍ଶନକୁ ସମ୍ପ୍ରସାରିତ କରିପାରିଛି । ଏହା କେବଳଯେ ସେମାନଙ୍କୁ ଆତ୍ମବିଶ୍ୱାସ ପ୍ରଦାନ କରିଛି, ତାହା ନୁହେଁ ସେମାନଙ୍କୁ ଜୀବନର ପ୍ରତ୍ୟେକଟି ସ୍ତରରେ 'ଆଜାଦି' ଦେବାରେ ମଧ୍ୟ ସହାୟକ ହୋଇପାରିଛି ।'

## ନିଲମ୍ବନ ବୈଧ ନୁହେଁ, ଚକ୍ରାନ୍ତ କରାଯାଇଛି : ଇତୀଶ ପ୍ରଧାନ

ଭୁବନେଶ୍ୱର:ମତେ ନିଲମ୍ବନ କରାଯିବା ବୈଧ ନୁହେଁ । ଏପରିକି ଯିଏ ନିଲମ୍ବନ କରିଛନ୍ତି ତାଙ୍କର ସେ କ୍ଷମତା ନାହିଁ । ମତେ ଛାତ୍ର କଂଗ୍ରେସରୁ ନିଲମ୍ବନ କରିଛନ୍ତି କଂଗ୍ରେସରୁ ନୁହେଁ । ନିଲମ୍ବନ କଥା ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜାଣି ନାହାନ୍ତି । ଏହା ଏକ ଚକ୍ରାନ୍ତ । ଏହି ନିଲମ୍ବନକୁ ଗ୍ରହଣ କରୁନାହିଁ । ଏହାର ପ୍ରତିବାଦରେ ଆଗାମୀ ଦିନରେ ଏକ ୧୦୦ ଜଣିଆ ଟିମ୍ ଦଳର ହାଇ କମାଣ୍ଡଙ୍କୁ ଦେଖା କରିବ ଏବଂ ଏଆଇସିସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବ ବୋଲି ଗତକାଲି ନିଲମ୍ବିତ ହୋଇଥିବା ଇତୀଶ ପ୍ରଧାନ କହିଛନ୍ତି । ଇତୀଶ କହିଛନ୍ତି ଯେ ପିସିସି ସଭାପତି ନିରଂଜନ ପଟ୍ଟନାୟକ ସରକାରଙ୍କ ସହିତ ରହି ଦଳର କ୍ଷତି କରୁଛନ୍ତି । ତାଙ୍କର ମୁଖା ଖୋଲିବି ।

## ଅଗଷ୍ଟ ମାସରେ ୪ଜି ଡାଉନଲୋଡ଼ ସ୍ପିଡ ଚାର୍ଟରେ ଜିଓ ସର୍ବାଗ୍ରେ: ଟ୍ରାଇ

୪ଜି ଇଣ୍ଟରନେଟ୍ ଡାଉନ୍‌ଲୋଡ଼ ସ୍ପିଡ୍ କ୍ଷେତ୍ରରେ ନିଜର ଉତ୍ତମ ପ୍ରଦର୍ଶନ ଜାରି ରଖି ରିଲାଏନ୍ସ ଜିଓ ୨୦୧୯ ଅଗଷ୍ଟ ମାସ ପାଇଁ ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ସଦ୍ୟ ପ୍ରକାଶିତ ୪ଜି ଇଣ୍ଟରନେଟ୍ ଡାଉନ୍‌ଲୋଡ଼ ସ୍ପିଡ ଚାର୍ଟରେ ସର୍ବପ୍ରଥମ ସ୍ଥାନରେ ରହିଛି । ଅଗଷ୍ଟ ମାସରେ ଜିଓ ସେକେଣ୍ଡେ ପ୍ରତି ହାରାହାରି ୨୧.୩ ମେଗାବିଟ୍ (ଏମ୍‌ବିପିଏସ୍) ଡାଉନ୍‌ଲୋଡ଼ ସ୍ପିଡ୍ ହାସଲ କରିବା ସହିତ ଜୁଲାଇ ମାସରେ ରହିଥିବା ଏହାର ହାରାହାରି ଡାଉନ୍‌ଲୋଡ଼ ବେଗ ୨୧ ଏମ୍‌ବିପିଏସ୍ ତୁଳନାରେ ଉନ୍ନତି ଆଣିଥିବା ଟ୍ରାଇ ତଥ୍ୟରୁ ଜଣାପଡ଼ିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସମ୍ପୂର୍ଣ୍ଣ ୨୦୧୮ ବର୍ଷରେ ସମସ୍ତ ୧୨ ମାସରେ ସର୍ବାଧିକ ହାରାହାରି ଡାଉନଲୋଡ଼ ସ୍ପିଡ ସହିତ ଜିଓ ଦ୍ରୁତତମ ୪ଜି ଇଣ୍ଟରନେଟ୍ ସେବା ପ୍ରଦାନକାରୀ ରହିଥିଲା । ଚଳିତ ବର୍ଷ ମଧ୍ୟ ବିଗତ ୮ ମାସରେ ଦ୍ରୁତତମ ଡାଉନଲୋଡ଼ ସ୍ପିଡ ସହିତ ଜିଓ ସର୍ବାଗ୍ରେ ରହିଛି । ଅଗଷ୍ଟ ମାସ ପାଇଁ ଟ୍ରାଇ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ହାରାହାରି ଡାଉନଲୋଡ଼ ସ୍ପିଡ୍‌ରେ ଜିଓ ପରେ ଦ୍ୱିତୀୟ ସ୍ଥାନରେ ରହିଥିବା ଭାରତୀ ଏୟାରଟେଲ୍ ସେକେଣ୍ଡ ପ୍ରତି ହାରହାରି ୮.୨ ମେଗାବିଟ୍ ହାଉନଲୋଡ଼ ସ୍ପିଡ୍ ହାସଲ କରିଥିବା ବେଳେ ଏହା ଜୁଲାଇ ମାସର ୮.୮ ମେଗାବିଟ୍ ଡାଉନଲୋଡ଼ ସ୍ପିଡ୍ ତୁଳନାରେ ହ୍ରାସ ପାଇଛି । ସେହିଭଳି ଭୋଡ଼ାଫୋନ ଅଗଷ୍ଟ ମାସରେ ସେକେଣ୍ଡ ପ୍ରତି ହାରାହାରି ୭.୭ ମେଗାବିଟ୍ ଏବଂ ଆଇଡିଆ ୬.୧ ମେଗାବିଟ୍ ଡାଉନଲୋଡ଼ ସ୍ପିଡ ହାସଲ କରିଥିବା ଏହି ସ୍ପିଡ୍ ଚାର୍ଟରେ ପ୍ରକାଶ ପାଇଛି । ଉଲ୍ଲେଖଯୋଗ୍ୟ ଯେ ଭିଡ଼ିଓ ଦେଖିବା, ଇଣ୍ଟରନେଟ୍ ବ୍ରାଉଜ୍ କରିବା, ଇ-ମେଲ୍ ଆକ୍ସେସ୍ ଇତ୍ୟାଦି ପାଇଁ ହାଉନଲୋଡ଼ ସ୍ପିଡ୍ ବେଶ୍ ଗୁରୁତ୍ୱ ବହନ କରିଥାଏ । ତେବେ ଅଗଷ୍ଟ ମାସରେ ୪ଜି ଅପଲୋଡ଼ ସ୍ପିଡରେ ଭୋଡ଼ାଫୋନ ସେକେଣ୍ଡ ପ୍ରତି ହାରାହାରି ୫.୫ ମେଗାବିଟ ସ୍ପିଡ ସହିତ ଆଗରେ ରହିଥିବା ବେଳେ ଏହା ଜୁଲାଇ ମାସର ୫.୮ ମେଗାବିଟ ଅପଲୋଡ଼ ସ୍ପିଡ ତୁଳନାରେ ହ୍ରାସ ପାଇଛି । ଅନ୍ୟମାନଙ୍କ ମଧ୍ୟରେ ଅଗଷ୍ଟ ମାସରେ ଏୟାରଟେଲ୍ ୫.୧ ଏମବିପିଏସ, ଜିଓ ୪.୪ ଏମବିପିଏସ ଓ ଆଇଡିଆ ୩.୧ ଏମବିପିଏସ ଅପଲୋଡ଼ ସ୍ପିଡ ହାସଲ କରିଥିବା ପ୍ରକାଶ ପାଇଛି । ପ୍ରତି ମାସ ପାଇଁ ଏହି ହାରାହାରି ୪ଜି ଡାଉନଲୋଡ଼ ଓ ଅପଲୋଡ଼ ସ୍ପିଡ ଟ୍ରାଇ ଦ୍ୱାରା ବାସ୍ତବ ସମୟରେ ମାଇଁ ସ୍ପିଡ ଆପ୍ସ ଜରିଆରେ ସଂଗୃହୀତ ତଥ୍ୟ ଓ ପରିସଂଖ୍ୟାନର ଆକଳନ କରି ପ୍ରସ୍ତୁତ କରାଯାଉଛି ।

## ବିଆର ଲାଇଫ କଳିଙ୍ଗ ହସ୍ପିଟାଲରେ ଡ଼ାକ୍ତରମାନଙ୍କ ପକ୍ଷରୁ ୩୦ ବର୍ଷ ପୁରୁଣା ଫୁଟବଲ ଆକାରର ଟ୍ୟୁମରର ସଫଳ ଅସ୍ତ୍ରୋପଚାର



ଭୁବନେଶ୍ୱର: ଭୁବନେଶ୍ୱରର ଏକ ଅଗ୍ରଣୀ ହସ୍ପିଟାଲ, ବିଆର ଲାଇଫ କଳିଙ୍ଗ ହସ୍ପିଟାଲ ପକ୍ଷରୁ ନିକଟରେ ଏକ ଜଟିଳ ଟ୍ୟୁମରର ସଫଳ ଅସ୍ତ୍ରୋପଚାର କରାଯାଇଛି । ଯାହାକି ଏକ ଅତ୍ୟାଧୁନିକ ଅସ୍ତ୍ରୋପଚାର ଜ୍ଞାନକୌଶଳ ପ୍ରୟୋଗ କରାଯାଇ ୬୦ ବର୍ଷ ବୟସ୍କ ବ୍ୟକ୍ତିଙ୍କ ଠାରୁ ୪ କି.ଗ୍ରା ଓଜନର ୩୦ ଘ ୩୦ଘ ୩୦ ସେ.ମି ବିଶିଷ୍ଟ ଏକ ଟ୍ୟୁମରକୁ ସଫଳତାର ସହିତ କାଢିଦିଆଯାଇଛି । ଏହା ସର୍ଜିକାଲ ରିସେକସନରେ ସଫଳ ହୋଇଥିବାବେଳେ ଏକାଧିକ ଅଙ୍ଗ ଏବଂ ଟିସୁ ସହିତ ସଂପୃକ୍ତଥିବା ଟ୍ୟୁମରକୁ ସଫଳତାର ସହିତ କଢାଯାଇ ପାରିଛି । ଓଡ଼ିଶା ଆଠଗଡ଼ର, ୬୦ ବର୍ଷ ବୟସ୍କ ପ୍ରତାପ କୁମାର ଶତପଥିଙ୍କର ଗତ ଦୁଇ ମାସଧରି ଅତିଶୟ ପେଟ ଯନ୍ତ୍ରଣା ହେଉଥିବା ସହିତ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ଏବଂ ଢୋକିବାରେ ମଧ୍ୟ ଅସୁବିଧା ହେଉଥିଲା । ତାଙ୍କୁ ବିଆର ଲାଇଫ କଳିଙ୍ଗ ହସ୍ପିଟାଲକୁ ଯିବାପାଇଁ ପରାମର୍ଶ ଦିଆଯାଇଥିଲା । ଏଠାରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଜଣାପଡ଼ିଥିଲାଯେ, ରୋଗୀଙ୍କ ପେଟରେ ଗତ ୩୦ ବର୍ଷଧରି ଏକ ୪ କେ.ଜି ଓଜନର ଫୁଟବଲ ଆକାର ବିଶିଷ୍ଟ ଟ୍ୟୁମର ରହିଛି । ଟ୍ୟୁମରଟି ପେଟରେ ରହିଥିବାବେଳେ ଏହା ସମ୍ମୁଖ ପେଟର ୧୦ ସେ.ମି ଦୂରତାରେ ଅବସ୍ଥିତ ଥିଲା । ଟ୍ୟୁମରଟି ତଳ ଛାତି, ଉପର ପେଟ, ହୃଦୟ, ହୃତପିଣ୍ଡ ଆବରଣକାରୀ ଝିଲ୍ଲୀ, ହୃଦୟ ସହିତ ସଂଯୋଗ କରୁଥିବା ମୁଖ୍ୟ ଧମନୀ, ପେଟ ସହିତ ସଂପୃକ୍ତ ଧମନୀରେ ଅତ୍ୟଧିକ ଚାପ ସୃଷ୍ଟି କରୁଥିଲା । ଟ୍ୟୁମରଟି ଆହୁରି ମଧ୍ୟ ପିଞ୍ଜରାର ବାମ ପାର୍ଶ୍ୱ, ଯକୃତର ବାମପାର୍ଶ୍ୱ, ପାଚନଯନ୍ତ୍ର, ପେଶୀପର୍ଦ୍ଦା, ଇସୋଫାଗସ୍ ଏବଂ ପାକସ୍ଥଳୀରେ ମଧ୍ୟ ଚାପ ପକାଉଥିଲା । ଏପରି ଏକ କଠିନ ଅସ୍ତ୍ରୋପଚାର ସମ୍ପର୍କରେ ବିଆର ଲାଇଫ କଳିଙ୍ଗ ହସ୍ପିଟାଲର ସର୍ଜିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ, ଡ଼ା. ବୃନ୍ଦାବନ ନାହାକ କହିଛନ୍ତିଯେ, 'ବିଆର ଲାଇଫ କଳିଙ୍ଗ ହସ୍ପିଟାଲରେ ଆମ୍ଭେମାନେ କରିଥିବା ଅନେକ ଜଟିଳ ଅସ୍ତ୍ରୋପଚାର ଗୁଡ଼ିକ ମଧ୍ୟରୁ ଏହା ହେଉଛି ଅନ୍ୟତମ । ଯେଉଁଠାରେ ରୋଗୀ ଏକ ୩୦ ଘ ୩୦ଘ ୩୦ ସେ.ମି ବିଶିଷ୍ଟ ବୃହତ୍ତ କଠିନ ଟ୍ୟୁମରରେ ପିଡ଼ୀତ ଥିଲେ, ଯାହାକି ଏକାଧିକ ଅଙ୍ଗ ଏବଂ ଟିସୁ ସହିତ ସଂଯୋଗହୋଇ ରହିଥିଲା । ଆମ୍ଭେମାନେ ଏନ ବ୍ଲକ ରିସେକସନ (ସର୍ଜିକାଲ ଅଙ୍କୋଲୋଜିର ପ୍ରଣାଳୀ ଯାହାର ମୁଖ୍ୟ ଲକ୍ଷ୍ୟ ହେଉଛି ସମ୍ପୂର୍ଣ୍ଣ ରୂପେ ଟ୍ୟୁମରକୁ କାଢିବା)ମାଧ୍ୟମରେ ପେଟର ସମ୍ମୁଖ କାନ୍ଥ ସହିତ ସଂଶ୍ଲିଷ୍ଟ ଏବଂ ଏକାଧିକ ଅଙ୍ଗ ଏବଂ ଟିସୁ ସହିତ ସଂଯୁକ୍ତହୋଇଥିବା ଟ୍ୟୁମରକୁ କାଢିପାରିଥିଲୁ । ଏହିପରି ଅସ୍ତ୍ରୋପଚାର ସାଧାରଣତଃ ୭-୮ ଘଣ୍ଟା ସମୟ ଲାଗିଥାଏ କିନ୍ତୁ ଆମ୍ଭେମାନେ ଅତ୍ୟାଧୁନିକ ସର୍ଜିକାଲ ଏବଂ କ୍ଲିନିକାଲ ଜ୍ଞାନକୌଶଳ ପ୍ରୟୋଗକରି ଏବଂ ଆମର ପ୍ରଶିକ୍ଷିତ ମେଡ଼ିକାଲ ଟିମ୍ ସହିତ ଏହାକୁ ମାତ୍ର ୩ ଘଣ୍ଟା ମଧ୍ୟରେ ସମାପ୍ତ କରିବାରେ ସକ୍ଷମ ହୋଇଥିଲୁ । ଟ୍ୟୁମର କଢାଯିବାର ପରବର୍ତ୍ତି ସମୟରେ, ଆମ୍ଭେମାନେ ଟ୍ୟୁମର ସହିତ ସଂଯୋଗ ହୋଇଥିବା ଅନ୍ୟ ଅଙ୍ଗ ଗୁଡ଼ିକ ଠିକ୍ କରିପାରିଥିଲୁ ।' ଉକ୍ତ ଘଟଣା ସମ୍ପର୍କରେ, ବିଆର ଲାଇଫ କଳିଙ୍ଗ ହସ୍ପିଟାଲର ବରିଷ୍ଠ କନସଲଟାଣ୍ଟ - ଜେନେରାଲ ସର୍ଜରୀ, ଡ଼ା ପ୍ରଦୀପ କୁମାର ମିଶ୍ର କହିଛିଁଯେ, 'ରୋଗୀଟି ଗତ ୩୦ ବର୍ଷଧରି ଟ୍ୟୁମରରେ ଆକ୍ରା' ଥିଲେ । ଟ୍ୟୁମରର କ୍ରମାଗତ ବୃଦ୍ଧି ଶରୀରରେଥିବା ଅନ୍ୟ ଅଙ୍ଗ ଗୁଡ଼ିକପ୍ରତି ମଧ୍ୟ ଅଧିକ ବିପଦ ସୃଷ୍ଟି କରିଥିଲା । ଯଦି ଏହିପରି ପରିସ୍ଥିତି ଆଉ କିଛିଦିନ ଲାଗିରହିଥାଆନ୍ତା, ତେବେ ରୋଗୀକୁ ଆଗକୁ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଏବଂ ଖାଇବାରେ ଅନେକ ଅସୁବିଧା ଉପୁଜିଥାଆନ୍ତା । ପ୍ରତାପଙ୍କ କ୍ଷେତ୍ରରେ ସମୟାନୁଯାୟୀ ସ୍ୱାସ୍ଥ୍ୟ ପରାମର୍ଶରେ ଅବହେଳା ପାଇଁ ଉକ୍ତ ଘଟଣା ଆହୁରୀ ଜଟିଳ ହୋଇପଡ଼ିଥିଲା । ସ୍ୱାସ୍ଥ୍ୟଗତ ସମସ୍ୟାର ଜଟିଳତାକୁ ଏଡ଼ାଇବବା ପାଇଁ ସମୟାନୁଯାୟୀ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଏହିପରି ପ୍ରାଥମିକ ସ୍ୱାସ୍ଥ୍ୟଗତ ଜଟିଳତା କ୍ଷେତ୍ରରେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ ।' ଅସ୍ତ୍ରୋପଚାର ପରେ ଶ୍ରୀଯୁକ୍ତ ପ୍ରତାପ କୁମାର ଶତପଥି କହିଛନ୍ତିଯେ, 'ଗତ ୩୦ ବର୍ଷଧରି ମୁଁ ଏହିପରି ଏକ ବୃହତ୍ତ ଟ୍ୟୁମରରେ ଆକ୍ରା' ଥିଲି ବୋଲି ମୁଁ ବିଶ୍ୱାସ କରିପାରୁ ନାହିଁ, ଯାହାକି ମୁଁ ମାତ୍ର ଗତ ୨ ମାସ ତଳେ ଜାଣିବାକୁ ପାଇଥିଲି । ଯେବେକି ମୁଁ ନିଃଶ୍ୱାସପ୍ରଶ୍ୱାସ ନେବାରେ ଏବଂ ଢୋକିବାରେ ଏବଂ ଏପରିକି ପାଣି ପିଇବାରେ ମଧ୍ୟ କଷ୍ଟ ଅନୁଭବ କରୁଥିଲି । ମୁଁ ଡ଼ା. ବୃନ୍ଦାବନ ନାହାକ ଏବଂ ଡ଼ା. ପ୍ରଦୀପ କୁମାର ମିଶ୍ରଙ୍କୁ କୃତଜ୍ଞତା ଜଣାଉଛି, ଯେଉଁମାନେକି ମୋର ଜୀବନ ରକ୍ଷା କରିବା ସହିତ ମୋତେ ଏକ ନୂତନ ଜୀବନ ଦାନ ଦେଇଛନ୍ତି । ମୋ ପରିସ୍ଥିତିକୁ ଦେଖି ମୋର ଆରୋଗ୍ୟ ହେବାନେଇ ମୁଁ ସମ୍ପୂର୍ଣ୍ଣ ଆଶା ଛାଡ଼ିଦେଇଥିଲି । ମୁଁ ବହୁତ ଭାଗ୍ୟାବାନଯେ, ସଠିକ୍ ସମୟରେ ମୁଁ ଏହି ହସ୍ପିଟାଲରେ ପହଞ୍ଚି, ସଫଳତାର ସହିତ ଅସ୍ତ୍ରୋପଚାର କରାଇପାରିଛି ।' ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆନେସ୍ଥେସିଆ ଟିମ୍ ଡା ଆଲୋକ ରଥ , ତାଙ୍କ ସହଯୋଗୀ ଡା. କରୁଣାକର ଦାସ, ଡା. ଭର୍ଗିସ ପି ଜନ, ସିଇଓ ବିଆରଲାଇଫ୍ କଳିଙ୍ଗ ହସ୍ପିଟାଲ , ଡା. ସିମନ୍ତା ଶର୍ମା, ଡା. ମିନ୍ଦର ଭାଟ୍ଟି ପ୍ରମୁଖ ଉପସ୍ଥିତ ଥିଲେ ।

## ସରକାରୀ କ୍ୱାର୍ଟର ଛାଡିବାକୁ ପୂର୍ବତନ ବିଧାୟକ ମାନଙ୍କୁ ବାଚସ୍ପତିଙ୍କ ନୋଟିସ୍

ଭୁବନେଶ୍ୱର: କାର୍ଯ୍ୟକାଳ ଶେଷ ହେବା ପରେ ମଧ୍ୟ ସରକାରୀ କ୍ୱାର୍ଟର ଜବରଦସ୍ତି ନିଜ ଅକ୍ତିଆରରେ ରଖିଥିବା ପୂର୍ବତନ ବିଧାୟକମାନଙ୍କୁ ତୁରନ୍ତ କ୍ୱାର୍ଟର ଛାଡିବାପାଇଁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ଯଦି କ୍ୱାର୍ଟର ନଛାଡନ୍ତି ତେବେ ଉକ୍ତ ସରକାରୀ ଘରର ପାଣି ଓ ବିଦ୍ୟୁତ୍ ସଂଯୋଗ କଟାଯିବ । ଏନେଇ ସମ୍ପୃକ୍ତ ୨୬ ଜଣ ପୂର୍ବତନ ବିଧାୟକମାନଙ୍କୁ ନୋଟିସ୍ ଜାରୀ କରାଯାଇଛି । ଓଡିଶାର ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ବିଧାୟକ ସରକାରୀ ବାସଭବନ ଛାଡି ନାହାନ୍ତି ବୋଲି ବିଧାନସଭା ସଚିବାଳୟ ପକ୍ଷରୁ ଜଣାପଡିଛି । ଚଳିତ ବର୍ଷ ଲୋକସଭାକୁ ନିର୍ବାଚିତ ହୋଇଥିବା ବସନ୍ତ ପଣ୍ଡା , ନିତେଶ ଗଙ୍ଗଦେବ , ରମେଶ ଚନ୍ଦ୍ର ମାଝୀ , ମହେଶ ସାହୁ ପ୍ରମୁଖ ଭୁବନେଶ୍ୱରର ବିଭିନ୍ନ ୟୁନିଟ୍‌ରେ ପାଇଥିବା ସରକାରୀ ଘର ହସ୍ତାନ୍ତର କରି ନାହାନ୍ତି । ସେହିପରି ପୂର୍ବତନ ବିଧାୟକ ଭୂଜବଳ ମାଝୀ , ବିଜୟଶ୍ରୀ ରାଉତରାୟ , ଦେବାଶିଷ ନାୟକ , କିଶୋର ଚନ୍ଦ୍ର ତରାଇ ନନ୍ଦିନୀ ଦେବୀ , ପ୍ରବୀଣ ଚନ୍ଦ୍ର ଭଂଜଦେଓ , ସାନନ୍ଦ ମାରାଣ୍ଡି ଓ ସଂଜୟ ଦାସବର୍ମା ପ୍ରମୁଖ ମଧ୍ୟ ଘର ଫେରସ୍ତ କରି ନାହାନ୍ତି ।

## ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ବାଲେଶ୍ୱର ଜିଲ୍ଲାର ଫ୍ରୁଫ୍ ରୋଡ୍‌ରେ ନୂଆ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର: ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ବାଲେଶ୍ୱର ଜିଲ୍ଲାର ଫ୍ରୁଫ୍ ରୋଡ୍‌ରେ ଏକ ନୂତନ ଶାଖା ଖୋଲାଯାଇଛି ।

ଏଥିରେ ଏକ ୨୪ ଘଂଟିଆ ଏଟିଏମ୍ ବ୍ୟବସ୍ଥା କରାଯାଇଥିବା ବେଳେ ଲକର୍ ସୁବିଧା ମଧ୍ୟ ରହିଛି । ନୂତନ ଶାଖାକୁ ବାଲେଶ୍ୱର ଜିଲ୍ଲାର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀଯୁକ୍ତ କେ ସୁଦର୍ଶନ ଚକ୍ରବର୍ତ୍ତୀ ଓ ବାଲେଶ୍ୱର ଚାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରିଜ୍‌ର ସଭାପତି ଶ୍ରୀଯୁକ୍ତ ହିମାଂଶୁ ଦାସ ଉଦଘାଟନ କରିଛନ୍ତି । ଏହି ଅବସରରେ ଶ୍ରୀଯୁକ୍ତ ପ୍ରଦୋଶ ରାଉତ, ଜୋନାଲ୍ ମୁଖ୍ୟ-ରିଟେଲ୍, ଓଡ଼ିଶା ଓ ଛତିଶଗଡ଼, ଆଇସିଆଇସିଆଇ ବ୍ୟାଙ୍କ କହିଛନ୍ତି ଯେ, "ଗ୍ରାହକମାନଙ୍କୁ ବିଶ୍ୱ ଶ୍ରେଣୀର ବ୍ୟାଙ୍କ ସେବା ଏବଂ ଅଭିନବ ଉତ୍ପାଦ ଯୋଗାଇ ଦେବାକୁ ଆଇସିଆଇସିଆଇ ବ୍ୟାଙ୍କ ପ୍ରତିବଦ୍ଧ । ଆମେ ବିଶ୍ୱାସ କରୁ ଯେ ଖୁଚୁରା ବ୍ୟାଙ୍କିଙ୍ଗର ମୁଳଦୂଆ ହେଉଛି ବ୍ୟାପକ ଶାଖା ନେଟୱର୍କ । ଫ୍ରୁଫ୍ ରୋଡ୍‌ର ଏହି ଶାଖା ହେଉଛି ବାଲେଶ୍ୱର ଜିଲ୍ଲାରେ ଆମର ଷଷ୍ଠ ଶାଖା ଏବଂ ଏହା ବଜାର ପାଖାପାଖି ରହିଛି । ଏହା ଏହି ଅଂଚଳର ବ୍ୟବସାୟୀ, ବେକାରି, ଆବାସିକ ଏବଂ ବାଣିଜ୍ୟିକ କମ୍ପ୍ଲେକ୍ସ, ସରକାରୀ ସଂସ୍ଥା, ସ୍କୁଲ, କଲେଜ ଏବଂ ହସ୍ପିଟାଲ୍‌ର ଆବଶ୍ୟକତା ପୂରଣ କରିବ । ଏହି ଶାଖା ଗ୍ରାହକଙ୍କ ନିତିଦିନିଆ ବ୍ୟାଙ୍କିଙ୍ଗ ଆବଶ୍ୟକତା ପୂରଣ କରିବ ଏବଂ ବନ୍ଧକ, ଅନ୍ୟାନ୍ୟ ରଣ ଏବଂ ନିବେଶ ଭଳି ବ୍ୟାପକ ପ୍ରକାର ସେବା ଏବଂ ଉତ୍ପାଦ ଯୋଗାଇବାର ପ୍ରମୁଖ କେନ୍ଦ୍ର ପାଲଟିବ ।'' ଏହି ନୂତନ ଶାଖା ସୋମବାର ଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଏବଂ ମାସର ତୃତୀୟ ଏବଂ ପଂଚମ ଶନିବାରରେ ଦିନ ୯ଟା ୩୦ ମିନିଟ୍‌ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖୋଲାରହିବ । ଏହି ଶାଖା ଗ୍ରାହକମାନଙ୍କୁ ଖାତା ଖୋଲିବା, ଜମା, ବନ୍ଧକ, ଗାଡ଼ି, ଘର, ବ୍ୟକ୍ତିଗତ, ଗହଣା ଏବଂ ବାଣିଜ୍ୟିକ ଉପକରଣ କିଣିବା ପାଇଁ ରଣ ଆଦି ବ୍ୟାପକ ସେବା ଓ ଉତ୍ପାଦ ପ୍ରଦାନ କରିବ । ଏହି ଶାଖା ପ୍ରବାସୀ ଭାରତୀୟ (ଏନଆରଆଇ) ଗ୍ରାହକଙ୍କୁ ମଧ୍ୟ ସେବା ପ୍ରଦାନ କରିବ । ସାରା ଦେଶରେ ଆଇସିଆଇସିଆଇ ବ୍ୟାଙ୍କର ୨୦୧୯ ଜୁନ୍ ୩୦ ସୁଦ୍ଧା ୪୮୮୨ ଶାଖା ଏବଂ ୧୫,୧୦୧ ଏଟିଏମ୍ କାଉଂଟର ରହିଛି । ଓଡ଼ିଶାରେ ବ୍ୟାଙ୍କର ୧୫୦ରୁ ଅଧିକ ଶାଖା ଏବଂ ୩୦୦ରୁ ଅଧିକ ଏଟିଏମ୍ କାଉଂଟର ରହିଛି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray